ଓଡ଼ିଶା ସାହିତ୍ୟ ଏକାଡେମୀ

# ସମାଚାର

ODISHA SAHITYA AKADEMI SAMACHAR

77th Issue : October - December 2021 | ସଂଖ୍ୟା ୭୭: ଅକ୍ଟୋବର - ଡିସେମ୍ବର ୨୦୨୧

## ଗାନ୍ଧୀଙ୍କର ଜୀବନ ଓ ଦର୍ଶନ ଉପରେ ଆନ୍ତର୍ଜାତିକ ୱେବିନାର୍

# ଗାନ୍ଧୀଜୀଙ୍କ ବିଚାର ଆଜି ବି ପ୍ରାସଙ୍ଗିକ

ଅହିଂସାକୁ ମୁକ୍ତି ସଂଗ୍ରାମର ଅମୋଘ ଅସ୍ତ୍ର ସାବ୍ୟସ୍ତ କରି ଗାନ୍ଧୀଜୀ ସାରାବିଶ୍ୱକୁ ଯେଉଁ ଶକ୍ତବାର୍ତ୍ତା ପ୍ରେରଣ କରିଥିଲେ, ତାହା ଏବେ ବି ସଠିକ୍ ପ୍ରମାଣିତ ହେଉଛି। ତାଙ୍କର ବିରଳ ଦେଶଭକ୍ତି, ସଂଗ୍ରାମ, ସେବା, ତ୍ୟାଗ ଏବଂ ବଳିଦାନ ସମଗ୍ର ମାନବଜାତି ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇରହିଥିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବିଶ୍ୱ ଓଡ଼ିଶା ସମାଜର ମିଳିତ ସହଯୋଗରେ ୧ ଅକ୍ଟୋବର ୨୦୨୧ରେ ଆୟୋଜିତ 'ଗାନ୍ଧୀଚର୍ଚ୍ଚା' ଆନ୍ତର୍ଜାତିକ ୱେବିନାର୍‌ରେ ଉଦ୍‌ଘାଟକ ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବିଭାଗୀୟ ଶାସନସଚିବ ସୁରେଶଚନ୍ଦ୍ର ଦଳାଇ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଆମେ ଯଦି ଆଜି ଭାରତୀୟ ବୋଲି କହି ଗର୍ବ ଅନୁଭବ କରୁଛେ, ତା'ର ସମ୍ପୂର୍ଣ୍ଣ ଶ୍ରେୟ ମହାତ୍ମା ଗାନ୍ଧୀଙ୍କୁ ହିଁ ଯିବ। ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନକୁମାର ଦାସ ତାଙ୍କ ବକ୍ତ୍ୟବ୍ୟରେ କହିଥିଲେ ଯେ ଗାନ୍ଧୀଜୀ ଜଣେ ବିସ୍ମୟମାନବ ଥିଲେ। ଆଜିର ଯୁବପିଢ଼ି ତାଙ୍କ ଆଦର୍ଶକୁ ଅନୁକରଣ କଲେ, ତାହା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ ଉକ୍ତ ସଭାରେ ପୌରୋହିତ୍ୟ କରି ଗାନ୍ଧୀଜୀଙ୍କର ପ୍ରେରଣାଦାୟୀ ଶକ୍ତି ଅସୀମ ଥିଲା ଏବଂ ସେ ମୁଠାଏ ଲୁଣ ଉଠାଇ ଦେଇ ସାରାଦୁନିଆକୁ ଦୋହଲାଇ ଦେଇପାରିଥିଲେ ବୋଲି ଭାଷଣ ପ୍ରସଙ୍ଗରେ ପ୍ରକାଶ କରିଥିଲେ। ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରି ଗାନ୍ଧୀଜୀ ଜଣେ ମଣିଷ ନୁହଁନ୍ତି ସେ ଏକ ଅନୁଷ୍ଠାନ ବୋଲି ପ୍ରକାଶ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରତିଷ୍ଠିତ ହରିଜନ ସେବକ ସଂଘର ସଭାପତି ଶଙ୍କର କୁମାର ସାନ୍ୟାଲ ଉତ୍ସବରେ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି ସାମାଜିକ, ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ଜୀବନଧାରଣର ସମସ୍ତ କ୍ଷେତ୍ରରେ ତଥା ଶାନ୍ତିପୂର୍ଣ୍ଣ ସହବସ୍ଥାନ, ଅନ୍ତୋଦୟ ଅଭିବୃଦ୍ଧି ଏବଂ ସର୍ବାଙ୍ଗୀନ ପ୍ରଗତି ସଂପର୍କରେ ଗାନ୍ଧୀଜୀଙ୍କର ସ୍ୱଷ୍ଟ ନୀତି ଓ ନିର୍ଦ୍ଦେଶ ସଂପର୍କରେ ଉଲ୍ଲେଖ କରିଥିଲେ। ଗାନ୍ଧୀଜୀର କର୍ମମୟ ସମର୍ପିତ ସାଧନା ତାଙ୍କୁ ଜଣେ ସାଧାରଣ ମଣିଷରୁ ବିଶ୍ୱବନ୍ଦିତ ମହାତ୍ମାରେ ପରିଣତ କରିଥିଲା ବୋଲି ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଅରୁନ୍ଧତୀ ଦେବୀ ସୂଚାଇଥିଲେ। ସ୍ୱାଧୀନ ଓ ସ୍ୱାବଲମ୍ବୀ ଭାରତର ନବନିର୍ମାଣର ନିଅଁ ଉତ୍କଳଗୌରବ ମଧୁସୂଦନ ଦାସ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଦର୍ଶନ ଉପରେ ଆଧାରିତ କରିବାକୁ ଗାନ୍ଧୀଜୀ ଚାହୁଁଥିଲେ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ସଂଗ୍ରାମ ଜେନା ତାଙ୍କର ସମାପନ




## ପ୍ରବାସରେ ଓଡ଼ିଶା ସାହିତ୍ୟ ଏକାଡେମୀ କାର୍ଯ୍ୟକ୍ରମ

ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ପ୍ରବାସୀ ଓଡ଼ିଆମାନଙ୍କ ପିଲାମାନଙ୍କୁ ଓଡ଼ିଆ ଭାଷା ଶିକ୍ଷା ଦେବା ପାଇଁ କୌଣସି ବିଧିବଦ୍ଧ ବ୍ୟବସ୍ଥା ନଥିବାରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଏକ ମୋବାଇଲ୍ ଆପ୍ ପ୍ରସ୍ତୁତ କରିବା ପାଇଁ ପ୍ରବାସୀ ଓଡ଼ିଆମାନେ ସଂସ୍କୃତି କମିଶନର ତଥା ଶାସନ ସଚିବଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ବିଶ୍ୱର ୬୪ଟି ଦେଶରେ ବସବାସ କରୁଥିବା ବହୁ ସଂଖ୍ୟାରେ ପ୍ରବାସୀ ଓଡ଼ିଆ ୱେବିନାର ମାଧ୍ୟମରେ ଏହି ସଂପାନ ଯୋଗଦାନ କରିଥିବାରୁ ବିଶ୍ୱ ଓଡ଼ିଶା ସମାଜର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଆନନ୍ଦ ପ୍ରକାଶ କରିଥିଲେ। ଏହି ଅବସରରେ ଦୀପକ ଷଡ଼ଙ୍ଗୀ ଗୀଟାର୍ ଯୋଗେ ରାମଧୂନ୍ ଏବଂ ଉଦୀୟମାନ କଳାକାର ଯାଁଳାଭାଇ ଓମ୍ ଓ ସାଇ ମହାପାତ୍ର ଦାସକାଠିଆ ଗୀତ ପରିବେଷଣ କରିଥିଲେ। ଅଷ୍ଟ୍ରେଲିଆ ଓଡ଼ିଆ ସମାଜର ସଭାପତି ନଳିନୀ ପତି ଧନ୍ୟବାଦ ଦେଇଥିଲେ। ଉପସ୍ଥାପକ ଦେବାଶିଷ ମହାପାତ୍ର ଏବଂ ସ୍ନେହଲତା ପୃଷ୍ଟି କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ନନ୍ଦନ ଦ୍ୱିବେଦୀ ଡିଜିଟାଲ ନିୟନ୍ତ୍ରଣକକ୍ଷକୁ ସଫଳତାର ସହ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆବୁଧାବି ଓଡ଼ିଶା ସମାଜର ସଭାପତି ପ୍ରଦୀପ କୁମାର ରଥ, ସିଙ୍ଗାପୁରରୁ ବନୋଜିନୀ ନାୟକ, ଦୁବାଇରୁ ଅମିୟ ମିଶ୍ର, ନେଦରଲାଣ୍ଡରୁ ଶାଶ୍ୱତ ପାଢ଼ୀ, ଲଣ୍ଡନରୁ ଜୟଶ୍ରୀ ନନ୍ଦ, ମସ୍କୋରୁ ସନ୍ତୋଷ ମିଶ୍ର, ଟରୋଣ୍ଟରୁ ପ୍ରଶାନ୍ତ ଭୂୟାଁ, ମାଞ୍ଚେଷ୍ଟରରୁ ଶିବରଞ୍ଜନ ବିଶ୍ୱାଳ, ଡଲାସରୁ ସଞ୍ଜୟ ଦଳାଇ, ନୂଆଦିଲ୍ଲୀରୁ ଅନୀତା ପଣ୍ଡା ଓ ବିନାୟକ ଦାସ, ଦେଓଘରରୁ କୃପାନିଧି ବିଶ୍ୱାଳ, ମୁମ୍ବାଇରୁ ବିଜୟ କୁମାର ମହାରଣା, ଭୁବନେଶ୍ୱରରୁ ହରିଶ୍ଚନ୍ଦ୍ର ବେହେରା, ବ୍ରହ୍ମପୁରରୁ ପ୍ରସନ୍ନ କୁମାର ସ୍ୱାଇଁ, ହୃଷୀକେଶ ପାତ୍ର ଓ ଭଦ୍ରକରୁ ସତ୍ୟବ୍ରତ ମହାନ୍ତି ପ୍ରମୁଖ ଏଥିରେ ଭାଗ ନେଇ ମହାତ୍ମାଙ୍କ ସଂପର୍କରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# ରେଭେନ୍ସା କଲିଜିଏଟ୍ ସ୍କୁଲ୍‌ରେ 'ଆଜାଦି କା ଅମୃତ ମହୋତ୍ସବ'




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆଜାଦ୍ ହିନ୍ଦ ଅସ୍ଥାୟୀ ସରକାର ପ୍ରତିଷ୍ଠା ଦିବସ ଉପଲକ୍ଷେ ରେଭେନ୍ସା କଲିଜିଏଟ୍ ସ୍କୁଲ୍‌ର ନେତାଜୀ ପ୍ରେକ୍ଷାଳୟରେ ତା୨୧.୧୦.୨୦୨୧ରିଖ ଅପରାହ୍ଣ ୩.୦୦ ଘଟିକାରେ 'ଆଜାଦି କା ଅମୃତ ମହୋତ୍ସବ' ପାଳନ କରାଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଶିଷ୍ଟ କବି ଶୈଳଜ ରବି, ସରୋଜରଞ୍ଜନ ମହାନ୍ତି, ହୁସେନ୍ ରବିଗାନ୍ଧୀ, ଅମରେଶ ପଟ୍ଟନାୟକ, ସେନାପତି ପ୍ରଦ୍ୟୁମ୍ନକେଶରୀ, ଦୀପକ ସାମନ୍ତରାୟ, ଶତ୍ରୁଘ୍ନ ପାଣ୍ଡବ, ରଞ୍ଜିତା ନାୟକ, ପିନାକୀ ସିଂହ, ଅମୀୟରଞ୍ଜନ ମହାପାତ୍ର, ସୁରେଶ ନାୟକ, ସୁନାମଣି ରାଉତ, ଅଞ୍ଜୁମନ ଆରା, ଗୌର ପଟ୍ଟନାୟକ, ଜ୍ଞାନୀ ଦେବାଶିଷ, ବ୍ରହ୍ମାନନ୍ଦ ବିଶ୍ୱାଳ, ନରହରି ମିଶ୍ର, ବାବାଜୀ ଚରଣ ଜେନା ଓ ନର୍ମଦା ନୀଳୋତ୍ପଳା ପ୍ରମୁଖ ସ୍ୱରଚିତ ଦେଶାତ୍ମବୋଧକ କବିତାମାନ ପାଠ କରିଥିଲେ। କବି ପ୍ରସନ୍ନ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ଏକାଡେମୀର ସଭ୍ୟ କବି ସୁରେଶ ନାୟକଙ୍କ ଦ୍ୱାରା ଉପସ୍ଥିତ କବିମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଏକାଡେମୀର ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଦେଇଥିଲେ। ସେହିଭଳି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ସହୀଦ୍‌ଙ୍କ ସ୍ମରଣେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ 'ସୁର ମନ୍ଦିର' ନୃତ୍ୟାନୁଷ୍ଠାନ ପକ୍ଷରୁ ନୃତ୍ୟଗୁରୁ ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ନେତୃତ୍ୱରେ ଡ୍ୟାନ୍ସ ଡ୍ରାମା ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲ୍‌ର ପ୍ରଧାନ ଶିକ୍ଷୟତ୍ରୀ ଅନୁସ୍ମିତା ସ୍ୱାଇଁ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମତେ ଶିକ୍ଷକ, ଶିକ୍ଷୟତ୍ରୀ ଓ ଅନେକ ଅଭିଭାବକମାନେ ଉପସ୍ଥିତ ରହିଥିଲେ।

# ପାଲା ସଂସ୍କୃତିର ଅଗ୍ରଜ: ବୈଷ୍ଣବ କବି ଭ୍ରମରବର ରାୟ




ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ୍ ବାରେଡ଼ିଆ ଗ୍ରାମରେ ୧୮୯୭ ମସିହାରେ ଜନ୍ମଗ୍ରହଣ କରିଥିବା ବୈଷ୍ଣବକବି ଭ୍ରମରବର ରାୟ ରାଜ୍ୟସ୍ତରୀୟ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବାରେଡ଼ିଆସ୍ଥିତ ପାଲାମଣ୍ଡପରେ ତା୦୧.୧୧.୨୦୨୧ରିଖ ଅପରାହ୍ଣ ୩.୦୦ ଘଟିକାରେ ଅନୁଷ୍ଠିତ ହୋଇଯାଇଛି। ଜନପ୍ରିୟ ବୈଷ୍ଣବକବିଙ୍କର ରଚନାବଳୀରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଭକ୍ତକବି ଦୀନକୃଷ୍ଣ ଦାସ, ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚନାର ଛିଟା ପରିଲକ୍ଷିତ ହୋଇଥାଏ। ସେମାନଙ୍କ ପଦାଙ୍କ ଅନୁସରଣ କରି ଆଧୁନିକ କାଳରେ କବି ଭ୍ରମରବର ଅନେକ ବଚନିକା, ମେଳା, ଓଗାଳ ଓ ଶୂନ୍ୟ ଭଜନମାନ ଆଦି ରଚନା କରିଥିଲେ। ବିଶେଷ କରି ଓଡ଼ିଆ ପାଲା ସଂସ୍କୃତିକୁ ସେ ବହୁ ଭାବରେ ସମୃଦ୍ଧ କରି ଗଢ଼ିତୋଳିଥିଲେ ବୋଲି କବି ଭ୍ରମରବର ରାୟ ଜୟନ୍ତୀରେ ଯୋଗଦେଇଥିବା ବରେଣ୍ୟ ଅତିଥିମାନେ ମତ ପ୍ରକାଶ କରିଥିଲେ। ଜୟନ୍ତୀ ସଭାରେ ଏକାଡେମୀ ସଦସ୍ୟ ଅଭୟ କୁମାର ବାରିକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଗବେଷକ ତଥା ପ୍ରାଧ୍ୟାପକ ଶ୍ରୀଚରଣ ଦାସ, ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ଜ୍ଞାନପ୍ରିୟ କାନୁନଗୋ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ଅରୁଣକୁମାର ଦାସ, ଲେଖକ ଶୁଭକୁମାର ଦାଶ, କିଶୋର ପାଳ ଯୋଗଦେଇଥିଲେ। ଭ୍ରମରବର ସ୍ମୃତି ପରିଷଦର ସମ୍ପାଦକ ତପନକୁମାର ରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଗାଳ୍ପିକ ଅରବିନ୍ଦ ରାୟ ପରିଚାଳନା କରିଥିଲେ।

# କବି ହୃଷୀକେଶ ମଲ୍ଲିକଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

‘ସରିଯାଇଥିବା ଅପେରା’ କବିତା ସଂକଳନ ପାଇଁ ୨୦୨୧ ବର୍ଷର ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି କବି ହୃଷୀକେଶ ମଲ୍ଲିକ ଏବଂ ‘ଗୀତ କହେ ମାଟିର କଥା’ ଶିଶୁ ସାହିତ୍ୟ ସଂକଳନ ପାଇଁ ଚଳିତ ବର୍ଷର ସମ୍ମାନଜନକ ବାଲ୍ ସାହିତ୍ୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ଦିଗରାଜ ବ୍ରହ୍ମା। ସେହିପରି ‘ସ୍ୱର୍ଣ୍ଣ ଓ ଅନ୍ୟାନ୍ୟ ଗଳ୍ପ’ ସଂକଳନ ପାଇଁ ସାହିତ୍ୟ ଏକଡେମୀ ଯୁବ ପୁରସ୍କାର ପାଇବେ ତରୁଣ ସାହିତ୍ୟିକ ଦେବବ୍ରତ ଦାସ । ‘ସରିଯାଇଥିବା ଅପେରା’ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ଡ. ମଲ୍ଲିକ ଏଥିପୂର୍ବରୁ କବିତା ପୁସ୍ତକ ‘ଧାନସାଉଁଟା ଝିଅ’ ଲାଗି ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର, ‘ଜେଜେ ଦେଖିନଥିବା ଭାରତ’ ନିମନ୍ତେ ସମ୍ମାନଜନକ ସାରଳା ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ତାଙ୍କ ରଚିତ ୪୦ରୁ ଊର୍ଦ୍ଧ୍ୱ ପୁସ୍ତକ ମଧ୍ୟରୁ ୧୨ଟି କବିତା ସଂକଳନ, ୨ଟି କ୍ଷୁଦ୍ରଗଳ୍ପ ସଂକଳନ ଏବଂ ୧୦ଟି ପୁସ୍ତକ ସାହିତ୍ୟ ସମାଲୋଚନା ଉପରେ ଆଧାରିତ। ସମ୍ପ୍ରତି ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଥିବା ଡ. ମଲ୍ଲିକ କବିତା ରଚନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଝଙ୍କାର ବିଷୁବ ପୁରସ୍କାର, ସଚ୍ଚି ରାଉତରାୟ କବିତା ପୁରସ୍କାର ଭଳି ଅନେକ ରାଜ୍ୟସ୍ତରୀୟ ପୁରସ୍କାର ମଧ୍ୟ ଲାଭ କରିଛନ୍ତି। ତାଙ୍କର ଅନେକ କବିତା ହିନ୍ଦୀ, ଇଂରାଜୀ ଏବଂ ବଙ୍ଗଳା ଭାଷାରେ ଅନୂଦିତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ପଦରେ ଅଧିଷ୍ଠିତ ସମୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିବାରେ ଡ. ମଲ୍ଲିକ ହେଉଛନ୍ତି ଦ୍ୱିତୀୟ। ଏଥିପୂର୍ବରୁ ଏହି ପଦବୀରେ ଅଧିଷ୍ଠିତ ଥାଇ ‘ସୁଖ ସଂହିତା’ କବିତା ସଂକଳନ ପାଇଁ କବି ଦୀପକ ମିଶ୍ର ୨୦୦୭ ବର୍ଷର କେନ୍ଦ୍ର ସାହିତ୍ୟ ଏକଡେମୀ ପୁରସ୍କାର ଲାଭ କରିଥିଲେ। ବାଲ ସାହିତ୍ୟ ପୁରସ୍କାର ବିଜେତା ଦିଗରାଜ ବ୍ରହ୍ମା ୧୯୪୯ ମସିହା ଏପ୍ରିଲ୍ ୧୩ ତାରିଖରେ କଟକ ଜିଲ୍ଲାର ଛତିଆ ଅନ୍ତର୍ଗତ ରୁଦ୍ରପୁରରେ ଜନ୍ମଗ୍ରହଣ କରିଥିଲେ। ସେ ଦୀର୍ଘ ଦିନ ଧରି ଶିଶୁ-ସାହିତ୍ୟ ରଚନା କରି ସୁଖ୍ୟାତି ଲାଭ କରିଛନ୍ତି। ପିଲାମାନଙ୍କ ପାଇଁ ଗଳ୍ପ, କବିତା, ଉପନ୍ୟାସ, ଭ୍ରମଣ କାହାଣୀ ଏବଂ ଜୀବନୀ ଭଳି ସେ ପ୍ରାୟ ୧୦ଟି ପୁସ୍ତକର ରଚୟିତା। ଚତୁର୍ଥ ଶ୍ରେଣୀ ସାହିତ୍ୟ ବହିରେ ‘ସାର୍ ? ଜନ୍ଙ୍କ ପ୍ରିୟ ସାଥୀ’ ନାମକ ଗଳ୍ପର ଲେଖକ ଭାବେ ସେ ବେଶ୍ ସୁପରିଚିତ। କଲେଜସ୍ତରରେ ମଧ୍ୟ ତାଙ୍କର ଅନେକ ଲେଖା ପାଠ୍ୟପୁସ୍ତକରେ ସ୍ଥାନ ପାଇଛି। ପିଲାମାନଙ୍କ ପାଇଁ ରେଡିଓ ଏବଂ ଟେଲିଭିଜନ୍‌ରେ ମଧ୍ୟ ସେ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମ ପ୍ରସ୍ତୁତି ଓ ସମ୍ପାଦନା କରିଛନ୍ତି। ଶିକ୍ଷାରେ ସ୍ନାତକୋତ୍ତର ଏବଂ ‘ଶିଶୁ ସାହିତ୍ୟର ଶିକ୍ଷାଗତ ପ୍ରୟୋଗ’ରେ ପି ଏଚ. ଡି ଲାଭ କରିଥିବା ଡ. ବ୍ରହ୍ମା ଭୁବନେଶ୍ୱରସ୍ଥିତ ରାଜ୍ୟ ଶିକ୍ଷା ଓ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟରେ ଉପନିର୍ଦ୍ଦେଶକ ପଦବୀରୁ ସେବାନିବୃତ୍ତ ହୋଇଛନ୍ତି, ଏହାଛଡା ସେ କୋରାପୁଟସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବରେ କିଛିକାଳ ଦାୟିତ୍ୱ ନିର୍ବାହ କରିଥିଲେ। ଏତଦ୍‌ବ୍ୟତୀତ ‘ସ୍ୱର୍ଣ୍ଣ ଓ ଅନ୍ୟାନ୍ୟ ଗଳ୍ପ’ ପାଇଁ ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇବେ ତରୁଣ ସାରସ୍ୱତ ସାଧକ ଦେବବ୍ରତ ଦାସ। ଓଡ଼ିଆ ସାହିତ୍ୟର ତରୁଣପିଢ଼ି ଲେଖକମାନଙ୍କ ମଧ୍ୟରେ ଦେବବ୍ରତଙ୍କ ପ୍ରଭାବଶାଳୀ ସ୍ୱର ତାଙ୍କୁ ସ୍ୱଳ୍ପ ସମୟ ମଧ୍ୟରେ ପ୍ରସିଦ୍ଧି ଆଣିଦେଇଛି। ନିୟମିତ ଭାବରେ ଶ୍ରୀ ଦାସଙ୍କ ଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ଲାଭ କରି ତାଙ୍କୁ ଅଶେଷ ପାଠକୀୟ ସ୍ୱୀକୃତି ମିଳିଛି। ଜଣେ ଉଦୀୟମାନ ଲେଖକ ଭାବରେ ଆଗାମୀ ଦିନରେ ଓଡ଼ିଆ ସାହିତ୍ୟ ଜଗତରେ ସେ ଯଶସ୍ୱୀ ହେବେ ବୋଲି ଆଶା କରାଯାଏ। ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ତିନି ସାହିତ୍ୟ ସାଧକଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ଅସୁମାରି ଅଭିନନ୍ଦନ ଜ୍ଞାପନ କରାଯିବା ସଙ୍ଗେ ସଙ୍ଗେ ଓ ସେମାନଙ୍କର ସାରସ୍ୱତ ଜୟଯାତ୍ରା ଓଡ଼ିଆ ସାହିତ୍ୟକୁ ଦିଗନ୍ତପ୍ରସାରୀ କରିବ ବୋଲି କାମନା କରାଯାଇଛି।







ଝ:‘ସରିଯାଇଥିବା ଅପେରା’ ପୁସ୍ତକ ପାଇଁ ମିଳିବ ଏହି ପୁରସ୍କାର

ଝ:ଦିଗରାଜ ବ୍ରହ୍ମା ପାଇବେ ‘ବାଲ୍ ସାହିତ୍ୟ ପୁରସ୍କାର’

ଝ:ଯୁବ ପୁରସ୍କାର ପାଇବେ ଦେବବ୍ରତ ଦାସ

## ଏକାଡେମୀର ନୂତନ କୋଷାଧ୍ୟକ୍ଷ ତଥା ଅର୍ଥପରାମର୍ଶଦାତାଙ୍କୁ ସ୍ୱାଗତ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୦୩୯୪/ଓ.ଭା.ସା.ସଂ., ତା।୧୦.୧୨.୨୦୨୧ରିଖ କ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହ ନିର୍ଦ୍ଦେଶକ କାଳୀଚରଣ ମହାନ୍ତିଙ୍କୁ ରାଜ୍ୟ ସରକାର ଓଡ଼ିଶା ସାହିତ୍ୟ ଏକାଡେମୀର କୋଷାଧ୍ୟକ୍ଷ ତଥା ଅର୍ଥପରାମର୍ଶଦାତା ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଶ୍ରୀ କାଳୀଚରଣ ଅନ୍ୟାଦେଶ ପର୍ଯ୍ୟନ୍ତ ନିଜ ଦାୟିତ୍ୱ ସହ ଉକ୍ତ ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରିବାକୁ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ସଂସ୍କୃତି ବିଭାଗୀୟ ଅନେକ ଲୋକହିତକର କାର୍ଯ୍ୟ ସଂପାଦନ କରିବାର ଦୀର୍ଘଦିନର ଅଭିଜ୍ଞତା ତାଙ୍କଠାରେ ଥିବାରୁ ସେ ଏହି ନୂତନ ଦାୟିତ୍ୱକୁ ଅତ୍ୟନ୍ତ ସୁଚାରୁରୂପେ ନିର୍ବାହ କରିବେ ବୋଲି ଆଶା କରାଯାଏ। ଏକାଡେମୀର ଏହି ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହୋଇଥିବାରୁ ଶ୍ରୀ ମହାନ୍ତିଙ୍କୁ ସ୍ୱାଗତ କରାଯାଇ ଓଡ଼ିଶା ସାହିତ୍ୟ



ଏକାଡେମୀ ପରିବାର ପକ୍ଷରୁ ତାଙ୍କ ନୂତନ ନିଯୁକ୍ତି ଲାଗି ଅଭିନନ୍ଦନ ଜ୍ଞାପନ କରାଯାଉଅଛି।

## ଲୋକକବି ଜଗନ୍ନାଥ ପାଣି ସ୍ମୃତିସଭା

# ଜଗନ୍ନାଥ ପାଣି ଥିଲେ ଓଡ଼ିଆ ଗୀତିନାଟ୍ୟର ଆଦି ପ୍ରବର୍ତ୍ତକ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜଗନ୍ନାଥ ପାଣି ସ୍ମୃତି ସଂସଦଙ୍କ ସହଯୋଗକ୍ରମେ ଭୁବନେଶ୍ୱରସ୍ଥ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ତା୧୧.୧୧.୨୦୨୧ରିଖ ସନ୍ଧ୍ୟା ୫.୦୦ଘଟିକାରେ ଲୋକକବି ଜଗନ୍ନାଥ ପାଣି ସ୍ମୃତି ଉପଲକ୍ଷେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଶିଷ୍ଟ ଅତିଥିଗଣ ଲୋକକବି ଜଗନ୍ନାଥ ପାଣିଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପାର୍ଘ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧା ଅର୍ପଣ କରିଥିଲେ। ଏହି ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସଂସ୍କୃତି ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଯୋଗଦେଇ କହିଲେ ଯେ ଊନବିଂଶ ଶତାବ୍ଦୀର ନାନା ପ୍ରତିକୂଳତା ଭିତରେ ଜଗନ୍ନାଥ ପାଣି ନିଜର ଲୋକରଚନା କରିଆରେ ଏକ ସାଂସ୍କୃତିକ ଜାଗରଣ ଆଣିଥିଲେ। ସମ୍ମାନନୀୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ଶ୍ରୀ ଧୀରେନ୍ଦ୍ରନାଥ ମଲ୍ଲିକ ଯୋଗଦାନ କରି କହିଥିଲେ ଯେ ଜଗନ୍ନାଥ ପାଣିଙ୍କ ଲୀଳା, ସୁଆଙ୍ଗ ଓ ଛାନ୍ଦନାଟ୍ୟର ବହୁଳ ପ୍ରସାର ପାଇଁ ମଞ୍ଚାଭିନୟକୁ ପ୍ରୋତ୍ସାହିତ କରାଯିବା ଦରକାର। ଏଥିରେ କବି ଡ. ଉପେନ୍ଦ୍ର ପ୍ରସାଦ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ପାଣିଙ୍କୁ ଓଡ଼ିଆ ଭାଷାର ଆଦି ଗୀତିନାଟ୍ୟକାର ଭାବେ ଅଭିହିତ କରିଥିଲେ। ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଏହି ସଭାରେ ଅଧ୍ୟକ୍ଷତା କରି ତାଙ୍କ ଅଭିଭାଷଣରେ କହିଥିଲେ ଯେ ଜଗନ୍ନାଥ ପାଣି ତାଙ୍କ ରଚନାମାନଙ୍କରେ ନାଟ୍ୟ ଭାଷାକୁ ଲୋକାଭିମୁଖୀ କରିଛନ୍ତି ଓ ତାଙ୍କ ସାହିତ୍ୟର ପ୍ରସାର ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ବିଭିନ୍ନ କାର୍ଯ୍ୟ କରୁଛନ୍ତି। ଏକାଡେମୀର ଉପସଭାପତି ଡ. ସଂଗ୍ରାମ ଜେନା ଲୋକକବିଙ୍କୁ ଲୋକହୃଦୟର କବି ବୋଲି ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ପ୍ରବୋଧ କୁମାର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରି ଜଗନ୍ନାଥ ପାଣିଙ୍କ ସହ ଅନ୍ୟ ଓଡ଼ିଆ ବରପୁତ୍ରମାନଙ୍କ ସ୍ମୃତିରକ୍ଷା ପାଇଁ ଏକାଡେମୀର ପ୍ରତିବଦ୍ଧତା ସଂପର୍କରେ ସୂଚାଇଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ମହେଶ୍ୱର ସାହୁ ଓ ସାଥୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଓ ଉଦ୍‌ଯାପନୀ ସଙ୍ଗୀତ ଗାନ କରାଯାଇଥିଲା। ଏକାଡେମୀର ସାଧରଣ ପରିଷଦ ସଦସ୍ୟା କବି ଡ. ସୁନୀତି ମୁଣ୍ଡ ସଭା ସଂଯୋଜନା କରିଥିଲେ। ଉକ୍ତ ଦିନ ସକାଳେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଥିବା କବିଙ୍କ ପ୍ରତିମୂର୍ତ୍ତିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜଗନ୍ନାଥ ପାଣି ସ୍ମୃତିସଂସଦ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ଗୋଦାବରୀଶଙ୍କ ରଚନା ସମାଜର ପରିବର୍ତ୍ତନ ଲାଗି ଉଦ୍ଦିଷ୍ଟ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଚିଲିକା ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ ତା୦୧.୧୦.୨୦୨୧ରିଖ ଅପରାହ୍ନ ୪.୦୦ ଘଟିକାରେ ବାଣପୁର ମାଟିର ଅନନ୍ୟ କାଳଜୟୀ ସାରସ୍ୱତ ପ୍ରତିଭା ତଥା 'ନିଆଁଖୁଣ୍ଟା'ର ସମ୍ପାଦକ ଗୋଦାବରୀଶ ମହାପାତ୍ରଙ୍କ ୧୨୩ତମ ଜୟନ୍ତୀ ସମାରୋହ ବାଣପୁର ନେହେରୁ ସେବାସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଓଡ଼ିଶା ସାହିତ୍ୟ ଏକାଡେମୀର ଖୋର୍ଦ୍ଧା ଜିଲ୍ଲା ପ୍ରତିନିଧି ବିବେକାନନ୍ଦ ପାଣିଗ୍ରାହୀ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ, ଚିଲିକା ସାହିତ୍ୟ ସମାଜର ସଭାପତି କବି ବାଳମୁକୁନ୍ଦ ଦାସ, କବି ପୁରୁଷୋତ୍ତମ ମହାପାତ୍ର, କବି ଓମ୍ ପ୍ରକାଶ ଅଗ୍ରୱାଲ, ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫୁଲ୍ଲକୁମାର ରଥ ପ୍ରମୁଖ ଯୋଗ ଦେଇ ଗୋଦାବରୀଶ ମହାପାତ୍ରଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିବା ସହ ବ୍ୟଙ୍ଗ ସାହିତ୍ୟର ସେ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଭାବେ ସବୁଦିନ ଜନମାନସରେ ବଞ୍ଚିରହିଥିବେ ବୋଲି ପ୍ରକାଶ କରିଥିଲେ। ତାଙ୍କ ରଚିତ 'ମାଗୁଣିର ଶଗଡ଼', 'ନୀଳ ମାଷ୍ଟରାଣୀ' ଓ 'ଉଠ କଙ୍କାଳ' ପରି କାଳଜୟୀ ସୃଷ୍ଟି ଏବେ ବି ପାଠକୀୟ ମନରେ ଗଭୀର ଆଲୋଡ଼ନ ସୃଷ୍ଟି କରେ ବୋଲି ମଞ୍ଚାସୀନ ସମ୍ମାନନୀୟ ବକ୍ତାମାନେ ତାଙ୍କ ଭାଷଣ ପ୍ରସଙ୍ଗରେ ପ୍ରକାଶ କରିଥିଲେ। ଶେଷରେ ଚିଲିକା ସାହିତ୍ୟ ସଂସଦର ସହସମ୍ପାଦକ ରମେଶଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷା ସ୍ରଷ୍ଟାକୁ ସୃଷ୍ଟି ନିମନ୍ତେ ଉଚ୍ଚାଟିତ କରେ



ଓଡ଼ିଶା ସାହିତ୍ୟ ଏକାଡେମୀର ବର୍ଷା ସୃଜନୀ ଉତ୍ସବ ବଲାଙ୍ଗୀରସ୍ଥ ତ୍ରିବେଣୀ ହୋଟେଲଠାରେ ତା୩୧.୧୦.୨୦୨୧ରିଖରେ ପାଳିତ ହୋଇଯାଇଛି। ପୂର୍ବାପେକ୍ଷା ବର୍ତ୍ତମାନ ସାହିତ୍ୟ ରଚନା ବହୁଗୁଣରେ ବଢ଼ିଛି। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ସାହିତ୍ୟ ସୃଷ୍ଟି ହେଉଛି। ସେହି ଅନୁସାରେ ସୁସାହିତ୍ୟର ଲୋକପ୍ରିୟତା ବୃଦ୍ଧି ପାଉନି, କାରଣ ଦିନକୁ ଦିନ ପାଠକଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗୁଛି। ଯାହା ସୁସ୍ଥ ମାନବ ସମାଜ ପାଇଁ ହିତକର ନୁହେଁ। ତେଣ ଏ ଦିଗକୁ ଦୃଷ୍ଟି ଦେଇ ସାହିତ୍ୟିକମାନେ ସେମାନଙ୍କର ଶ୍ରେଷ୍ଠ ସର୍ଜନାତ୍ମକ ସାହିତ୍ୟ ସୃଷ୍ଟି  କରିବା ଉଚିତ ବୋଲି ପ୍ରଫେସର ମଧୁସୂଦନ ପତି ଏହି ଉତ୍ସବର ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସେ ଆହୁରି ବର୍ଷା ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ, ବର୍ଷା କେବେ ସରିଯାଏନି ଏହା ଏକ ଋତୁଚକ୍ର ଯାହା ସବୁବର୍ଷ ଆସିଥାଏ। ଜୀବନରେ ମଧ ମାନବୀୟ ଆବେଗ, ହସ, ଲୁହ ଆଦି ରୂପରେ ବର୍ଷା ପରିପ୍ରକାଶ ହୋଇଥାଏ, ଯାହା ମଣିଷ ଜୀବନକୁ ରଙ୍ଗାୟିତ କରିଥାଏ। ସେଥିରୁ କବି ଓ ସାହିତ୍ୟିକମାନେ ସୂକ୍ଷ୍ମସତ୍ତା ମାଧମରେ ନିଜର ସୃଷ୍ଟି ଓ ସୃଜନୀର ପରିପ୍ରକାଶ କରିଥାନ୍ତି। ଅନ୍ୟତମ ଅତିଥିଭାବେ ପ୍ରଫେସର ସନ୍ତୋଷ କୁମାର ରଥ ଯୋଗଦେଇ ସାହିତ୍ୟ ସୃଷ୍ଟିରେ ସାହିତ୍ୟିକମାନେ ଆଞ୍ଚଳିକ ଭାଷା ବା ମାଟିର ଭାଷା ବ୍ୟବହାର କରିବା ଉଚିତ। ଯାହା ନିଜ ମାଟିର ଶବ୍ଦକୁ ବଞ୍ଚାଇ ରଖିବା ସହ ସାହିତ୍ୟ ସମୃଦ୍ଧ ହେବ ବୋଲି କହିଥିଲେ। ସାହିତ୍ୟ ସୃଷ୍ଟି ସମୟରେ ପାଠକ ଏବଂ ସମାଜକୁ ସମ୍ମୁଖରେ ରଖି ରଚନା କରିବା ଉଚିତ। କାରଣ ସାହିତ୍ୟ ପ୍ରଦୂଷିତ ହେଲେ ସମଗ୍ର ଜଗତ ପ୍ରଦୂଷିତ ହେବ ବୋଲି ସେ ଉଲ୍ଲେଖ କରିଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଗାଳ୍ପିକା ଗାୟତ୍ରୀ ସରାଫ ଏ ଅଞ୍ଚଳରେ ବହୁ ଯୁବ ସାହିତ୍ୟିକ ସୃଷ୍ଟି ହେଉଥିବା ଆମ ପାଇଁ ଗର୍ବ ଓ ଗୌରବର କଥା ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ ସଭାପତି ଅଭିଭାଷଣରେ ଉଲ୍ଲେଖ କରିଥିଲେ ଯେ, ଆଗାମୀ ଦିନରେ ବିଭିନ୍ନ ଋତୁରେ ଏହିପରି ସୃଜନୀ ଆସରରେ ରାଜ୍ୟର ବିଭିନ୍ନ ଅଞ୍ଚଳମାନଙ୍କରେ  ସାରସ୍ୱତ ଉତ୍ସବମାନ ଆୟୋଜନ କରାଯିବ। ଏପରି ଆୟୋଜନ କେବଳ ଭୁବନେଶ୍ୱରରେ ସୀମିତ ରହିବ ନାହିଁ ବୋଲି ସେ ସୂଚନା ଦେଇଥିଲେ। ସନ୍ଦୀପ କୁଅଁର ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଜ୍ୟୋତିର୍ମୟୀ ସାହୁ ଏଥିରେ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଭାଗିରଥୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ 'ଓଡ଼ିଆ ସାହିତ୍ୟରେ ବର୍ଷା ଭାବନା: କବି ଓ ବର୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଞ୍ଜୟ କୁମାର ମିଶ୍ର ଏଥିରେ ଅତିଥି ଭାବେ ଯୋଗଦେଇ ବର୍ଷାକୁ ନେଇ ବିଭିନ୍ନ କବିଙ୍କ ରଚନା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଆଲୋଚନାଚକ୍ର ପରେ ପ୍ରହ୍ଲାଦ ଶତପଥୀଙ୍କ ସଭାପତିତ୍ୱରେ କବିତା ଆସର ହୋଇଥିଲା। ସେଥିରେ ଓଡ଼ିଶା ସାହିତ୍ୟ ଏକାଡେମୀର କଳାହାଣ୍ଡି ସଭ୍ୟ  ସତ୍ୟନାରାୟଣ ମହାପାତ୍ର, ସୋନପୁର ସଭ୍ୟ ଦେବାଶିଷ ପାଣ୍ଡିଆ, ବୌଦ୍ଧ ସଭ୍ୟ ସଞ୍ଜୟ ପଣ୍ଡା ସମ୍ମାନନୀୟ ଅତିଥିଭାବେ ଯୋଗଦେଇଥିଲେ। ରାଜୀବଲୋଚନ ଆଚାର୍ଯ୍ୟ, ସସ୍ମିତା ନେପାଳ, ସବିତା ମେହେର ଓ ଆନନ୍ଦ ଚନ୍ଦ୍ର ସାହୁ କବିତା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବହୁ କବି, ଲେଖକ, ସାହିତ୍ୟିକ, ସାମ୍ବାଦିକ ତଥା ବୁଦ୍ଧିଜୀବୀ ଯୋଗଦାନ କରି ସାହିତ୍ୟର ଭରପୂର ସ୍ୱାଦ ଆସ୍ୱାଦାନ କରିଥିଲେ।

# ଡାକ୍ତର ଜନାର୍ଦ୍ଦନ ପୂଜାରୀ ଥିଲେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ

ଡାକ୍ତର ଜନାର୍ଦ୍ଦନ ପୂଜାରୀ ଅନେକ ଅଲୌକିକ ଗୁଣର ଅଧିକାରୀ ଥିଲେ। ସେ ସାହିତ୍ୟ, ରାଜନୀତି, ଚିତ୍ରକଳା, ଅଭିନୟ ଓ ଅନ୍ୟ ଯେ କୌଣସି ଗୋଟିଏ ଦିଗରେ ସାଧନା କରିଥିଲେ, ସର୍ବଭାରତୀୟ କ୍ଷେତ୍ରରେ ନିଶ୍ଚିତଭାବେ ସୁପ୍ରତିଷ୍ଠିତ ହୋଇପାରିଥାନ୍ତେ। ମାତ୍ର ସେ ସେବା ଓ ଧର୍ମକୁ ଜୀବନର ଚଳାପଥ ଭାବେ ବାଛିଥିବାରୁ ସେ ଅସାଧାରଣ ବ୍ୟକ୍ତି ଭାବରେ ସମାଜ ଦ୍ୱାରା ଗ୍ରହଣୀୟ ହୋଇଛନ୍ତି। କର୍ମବହୁଳ ବହୁବିଧ ଜୀବନଯାତ୍ରା ମଧରେ ଯାହା କିଛି ସାହିତ୍ୟ ସର୍ଜନା କରିଛନ୍ତି ତାହା ଚମତ୍କାର ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଶା ସାଂସ୍କୃତିକ ସମାଜ ସଭାଗୃହରେ ତା୧୦.୧୧. ୨୦୨୧ରିଖ ଅପରାହ୍ଣ ୫.୦୦ ଘଟିକାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଡାକ୍ତର ଜନାର୍ଦ୍ଦନ ପୂଜାରୀ ଜୟନ୍ତୀ ସଭାରେ ସମ୍ମାନନୀୟ ବକ୍ତାମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ଓଡ଼ିଶା ସାହିତ୍ୟ



ଏକାଡେମୀର ସଦସ୍ୟ ରଘୁନାଥ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ନୃପରାଜ ସାହୁ ମୁଖ୍ୟଅତିଥି, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତା, ଅଧ୍ୟାପିକା ଶିବପ୍ରିୟା ମିଶ୍ର ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇଥିଲେ। କୁଳସଚିବ ଡ. ସାହୁ ତାଙ୍କ ଭାଷଣରେ ପ୍ରକାଶ କରିଥିଲେ ଯେ, ଡାକ୍ତର ପୂଜାରୀ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ହେଁ ତାଙ୍କର ମାନବିକତା, ସରଳତା ସମର୍ପଣ ଭାବ, ସାଧନା, ସମାଜସେବା, ସମାଜ ସଂସ୍କାର ଆଦି ଆମ ପାଇଁ ପ୍ରେରଣାଦାୟକ। ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଡାକ୍ତର ପୂଜାରୀଙ୍କ ବିଭିନ୍ନ ଗୁଣସମ୍ପର୍କରେ ଆଲୋଚନାକରି ତାଙ୍କର ଚମତ୍କାର ସେବା ଅଭିଯାତ୍ରା, ସାରସ୍ୱତ ଜୟ ଯାତ୍ରା ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟା ଶିବପ୍ରିୟା ମିଶ୍ର ଡାକ୍ତର ପୂଜାରୀଙ୍କ ରଚିତ 'ସୁନାବୋହୂ' ଓ 'ସୁନାଝିଅ' ଉପନ୍ୟାସରେ ସାମାଜିକ ଚିତ୍ରର ପ୍ରତିଫଳନ ସଂପର୍କରେ ଆଲୋଚନା କରିଥିଲେ। ଡାକ୍ତର ପୂଜାରୀଙ୍କ ରଚିତ ନାଟକ 'ବ୍ରହ୍ମର୍ଷି ଗୌତମ' ବାବଦରେ ବି ସେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଉତ୍ସବରେ ସଭାପତି ରଘୁନାଥ ମେହେର ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଅନେକ ସାହିତ୍ୟିକ ଛାତ୍ର ଜୀବନରେ ଉଲ୍ଲେଖନୀୟ ସାରସ୍ୱତ ସାଧନା କରିଥିଲେ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶେଷରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଶିବପ୍ରସାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'କାଳଜୟୀ ସାହିତ୍ୟର ମୃତ୍ୟୁ ନାହିଁ' ଡ.ମାୟାଧର ମାନସିଂହ ଜୟନ୍ତୀ



ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନନ୍ଦଳା ଗ୍ରାମରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମାନସିଂହ ପାଠଗାର ମିଳିତ ଆନୁକୂଲ୍ୟରେ ସାରସ୍ୱତ ସାଧକ ଡ. ମାୟାଧର ମାନସିଂହଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ତା୧୩.୧୧.୨୦୨୧ରିଖ ଅପରାହ୍ଣ ୩.୦୦ ଘଟିକାରେ ପାଳିତ ହୋଇଯାଇଛି । ଏହି ଅବସରରେ ମାନସିଂହଙ୍କ ସମାଧି ପୀଠ ଏବଂ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ପ୍ରାରମ୍ଭରେ ମାନସିଂହ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ଗାନ କରାଯାଇଥିଲା । ପରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଶ୍ରୀଚରଣ ମହାନ୍ତି ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ପ୍ରତିଭା ମହାରଥୀ, ମାନସିଂହଙ୍କ ପୁତୁରା କିଶୋରଚନ୍ଦ୍ର ବିଶୋଇ, ମାନସିଂହ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଷ୍ଣୁପ୍ରସାଦ ଦଳେଇ, ପ୍ରଶାନ୍ତକୁମାର ନାୟକ, ରାମ ଲେଙ୍କା, ଗୋବିନ୍ଦ ପ୍ରଧାନ, ଅଧ୍ୟାପକ ଆଦିତ୍ୟପ୍ରସାଦ ରଥ, ବିଦ୍ୟାଧର ଦଳବେହେରା, କବି ଲଳିତକୁମାର ସ୍ୱାଇଁ, କବି ରାଜକିଶୋର ନାୟକ ପ୍ରମୁଖ ଯୋଗଦେଇଥିଲେ । ମାନସିଂହଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ କାଳଜୟୀ ସାହିତ୍ୟର ମୃତ୍ୟୁ ନାହିଁ ବୋଲି ସଭାପତି ଡ. ମଲ୍ଲିକ ତାଙ୍କ ପୌରୋହିତ୍ୟ ଅଭିଭାଷଣରେ ବ୍ୟକ୍ତ କରିଥିଲେ । ପ୍ରଧାନ ଶିକ୍ଷକ ବିଷ୍ଣୁପ୍ରସାଦ ଦଳେଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ସୁସାହିତ୍ୟିକ ତଥା ଜଗନ୍ନାଥ ସଂସ୍କୃତି ଗବେଷକ ବାନାମ୍ବର ବାରିକଙ୍କୁ ମାନସିଂହ ପାଠାଗାର ପକ୍ଷରୁ ମାନସିଂହ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶେଷରେ ପ୍ରଶାନ୍ତକୁମାର ନାୟକ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରୀ, ବରୁଣେଇ ଯୁବ ଛାତ୍ର ସଙ୍ଗଠନ କର୍ମକର୍ତ୍ତା ଏବଂ ନନ୍ଦଳା ଗ୍ରାମ୍ୟ କମିଟିର ପ୍ରମୁଖ ସଦସ୍ୟଗଣ ଉପସ୍ଥିତ ଥିଲେ ।

# ଓଡ଼ିଆ ଅସ୍ମିତାର ପ୍ରତୀକ: ପଣ୍ଡିତ ନୀଳକଣ୍ଠ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥ ସଂସ୍କୃତି ଭବନ ସଭାଗୃହରେ ତା୨୪.୧୧.୨୦୨୧ରିଖ ପୂର୍ବାହ୍ଣ ୧୦.୩୦ ଘଟିକାରେ ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଭାକୁ ପ୍ରଥମ ଥର ପାଇଁ ସ୍ଥାନୀୟ ଶ୍ରୋତାମାନଙ୍କ ନିମନ୍ତେ ମଞ୍ଚରେ ତଥା ପ୍ରବାସରେ ବସବାସ କରୁଥିବା ଓଡ଼ିଆମାନଙ୍କ ନିମନ୍ତେ କାର୍ଯ୍ୟକ୍ରମକୁ ଜୁମ୍ ମାଧ୍ୟମରେ ପ୍ରସାର କରାଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ ପଣ୍ଡିତ ନୀଳକଣ୍ଠଙ୍କୁ ଋଷିଭାବେ ବର୍ଣ୍ଣନା କରି ଓଡ଼ିଶାର ଶିକ୍ଷା, ସଂସ୍କୃତି, ରାଜନୀତି, ସମାଜସେବା କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ । 'ମୁଁ ନୀଳକଣ୍ଠଙ୍କୁ ଯେମିତି ଜାଣେ'- ପ୍ରସଙ୍ଗରେ ଅଭିବ୍ୟକ୍ତି ପ୍ରଦାନ କରିଥିଲେ ନୀଳକଣ୍ଠଙ୍କ ନିକଟସମ୍ପର୍କୀୟ ପ୍ରଫେସର ମଥୁରାନାଥ ଦାସ ଓ ବରିଷ୍ଠ ଅଧିବକ୍ତା ଅଜିତ୍ ରଥ ଏବଂ ପୂର୍ଣ୍ଣେନ୍ଦୁକୁମାର ଦାସ । ସେମାନେ ସେମାନଙ୍କ ଅଭିବ୍ୟକ୍ତିରେ ନୀଳକଣ୍ଠଙ୍କ ସଙ୍ଗେ ବିତାଇଥିବା କେତେକ ଅଭୁଲା ସ୍ମୃତିର ଅବତାରଣା କରି ନୀଳକଣ୍ଠଙ୍କ ଅଧ୍ୟୟନ, ଭୋଜନ ଓ ପଠନ ସମ୍ବନ୍ଧରେ ଏକାଧିକ ଅଜ୍ଞାତ ତଥ୍ୟ ପ୍ରକାଶ କରିବା ସହିତ ନୀଳକଣ୍ଠଙ୍କୁ ଜଣେ ଅସାଧାରଣ, ବିରଳ ବ୍ୟକ୍ତିତ୍ୱର ଅଧିକାରୀ ବୋଲି ମତବ୍ୟକ୍ତ କରିଥିଲେ । ସୁଦୂର କାନାଡା ଓ ଆମେରିକାରେ ବାସ କରୁଥିବା ପଣ୍ଡିତଙ୍କ ନାତୁଣୀ ସୁମିତ୍ରା ପାଢ଼ୀ ଓ ଧରିତ୍ରୀ ମିଶ୍ର ଜେଜେ ନୀଳକଣ୍ଠଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ କେତେକ ରୋଚକ ଘଟଣାର ଅବତାରଣା କରି ଆଲେଖ୍ୟ ପଠାଇଥିଲେ, ଯାହା ସଭାରେ ପୂର୍ଣ୍ଣେନ୍ଦୁ କୁମାର ଦାସ ପାଠ କରି ଶ୍ରୋତାମାନଙ୍କୁ ଶୁଣାଇଥିଲେ । ବରିଷ୍ଠ ଲେଖକ ଧନେଶ୍ୱର ସାହୁ 'ନୀଳକଣ୍ଠ ଓ ଓଡ଼ିଶାର ନବଜାଗରଣ' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି ଦାର୍ଶନୀକ ନୀଳକଣ୍ଠ ଓଡ଼ିଶାର ନବଜାଗରଣ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ଥିଲେ ବୋଲି ମତ ପ୍ରକାଶ କରିଥିଲେ । ସ୍ମାରକୀ ବକ୍ତୃତା ସଭାରେ ଅଧ୍ୟକ୍ଷତା କରି ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ ନୀଳକଣ୍ଠଙ୍କୁ ରାଧାନାଥଙ୍କ ବିରୋଧୀ ଭାବେ ଚିତ୍ରଣ କରାଯାଉଥିବା ପ୍ରସଙ୍ଗକୁ ଅସ୍ୱୀକାର କରି କହିଥିଲେ ଯେ ନୀଳକଣ୍ଠ ବାସ୍ତବରେ ରାଧାନାଥଙ୍କ ଶ୍ରେଷ୍ଠ ଅନୁଗାମୀ ଥିଲେ ଏବଂ ରାଧାନାଥଙ୍କ 'ମହାଯାତ୍ରା'କୁ ଅନୁସରଣ କରି ସେ 'ପ୍ରଣୟିନୀ' କାବ୍ୟ ରଚନା କରିଥିଲେ । ସେ ଥିଲେ ବାସ୍ତବରେ ଓଡ଼ିଆ ଅସ୍ମିତାର ପ୍ରତୀକ । ସମ୍ମାନନୀୟ ଅତିଥି ଏକାଡେମୀର ଉପସଭାପତି ସଂଗ୍ରାମ ଜେନା କହିଥିଲେ ଯେ ନୀଳକଣ୍ଠ ଓଡ଼ିଶାରେ ଜ୍ଞାନଭିତ୍ତିକ ସମାଜର ମୂଳଦୁଆ ପକାଇଥିଲେ ଓ ସତ୍ୟବାଦୀକୁ ବାସ୍ତବରେ ସତ୍ୟବାଦୀର ପରିଚୟ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ପ୍ରାରମ୍ଭରେ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଉପବିଭାଗ ଅଧିକାରୀ ସଞ୍ଜୟକୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟର ବହୁ ନୀଳକଣ୍ଠ ପ୍ରେମୀ ବୁଦ୍ଧିଜୀବୀ, କବି, ଲେଖକ, ସାହିତ୍ୟିକ ତଥା ସାମ୍ବାଦିକମାନେ ଯୋଗଦେଇଥିଲେ ।

# ବାଜିଙ୍କ ତିରୋଧାନ ଦିବସ ଜାତୀୟ ବଳିଦାନ ଦିବସ ଭାବେ ପାଳନ କରାଯାଉ




ସାମନ୍ତବାଦୀ ଶାସନ ହଟାଇବା ପାଇଁ ସୃଷ୍ଟି ହୋଇଥିଲା ଢ଼େଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନ। ୨୬ ଗଡ଼ଜାତ ମଧ୍ୟରୁ ଏହି ଆନ୍ଦୋଳନରେ ଢ଼େଙ୍କାନାଳ ଅଗ୍ରଣୀ ଭୂମିକା ନେଇଥିଲା। ଇତିହାସ ସ୍ତବ୍ଧ ହୋଇଯାଇପାରେ, କିନ୍ତୁ ବୀର ବାଜି ରାଉତଙ୍କ ଡାକ କପିଳାସ ମେଘାଚ୍ଛନ୍ନ ପାହାଡ଼ ଶୀର୍ଷରୁ ଆଜି ମଧ୍ୟ ଗୁଞ୍ଜରିତ ହେଉଛି। ଶହୀଦ ବାଜିଙ୍କ ତିରୋଧାନ ଦିବସକୁ ଜାତୀୟ ବଳିଦାନ ଦିବସ ଭାବେ ପାଳନ କରିବା ପାଇଁ ଢ଼େଙ୍କାନାଳ ଜିଲ୍ଲାବାସୀ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ଦିଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜିଲ୍ଲା ସଂସ୍କୃତି ପରିଷଦ ସହଯୋଗରେ ସ୍ଥାନୀୟ ଗୋପବନ୍ଧୁ ଟାଉନହଲ୍‌ରେ ତା୨୬.୧୧.୨୦୨୧ରିଖ ପୂର୍ବାହ୍ଣ ୧୧.୦୦ ଘଟିକାରେ ଅନୁଷ୍ଠିତ 'ତ୍ରିବେଣୀ ସାରସ୍ୱତ ଉତ୍ସବ'ରେ ପୌରୋହିତ୍ୟ କରି ଢ଼େଙ୍କାନାଳ ଗଣଆନ୍ଦୋଳନ ଇତିହାସର ପୂର୍ଣ୍ଣସଂକଳନ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ନାମରେ ଉତ୍ସର୍ଗୀକୃତ ଏହି ଉତ୍ସବକୁ ଉଦ୍‌ଘାଟନ କରି ଜିଲ୍ଲାପାଳ ସରୋଜ କୁମାର ସେଠୀ କହିଲେ, ସମାଜକୁ ବଳିଷ୍ଠ କରିବାରେ ସାହିତ୍ୟ ଓ ସଂସ୍କୃତିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କଳାସଂସ୍କୃତି ସାଙ୍ଗକୁ ପର୍ଯ୍ୟଟନରେ ଭରପୁର ଢ଼େଙ୍କାନାଳ ମାଟିରେ ଆୟୋଜିତ ତ୍ରିବେଣୀ ସାରସ୍ୱତ ଉତ୍ସବ ପ୍ରେରଣାଦାୟୀ ବୋଲି ଜିଲ୍ଲାପାଳ ମତ ରଖିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଢ଼େଙ୍କାନାଳ ଜିଲ୍ଲା ସଦସ୍ୟା ପୁଷ୍ପଲତା ରଥ ସ୍ୱାଗତ ଭାଷଣ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଶୁଭ୍ରା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ 'ଓଡ଼ିଶାରେ ପ୍ରଜା ମଣ୍ଡଳ ଆନ୍ଦୋଳନ ଓ ବାଜି ରାଉତ' ଶୀର୍ଷକ ଆଲୋଚନାଚକ୍ରରେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଢ଼େଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନ ଏବଂ ବାଜି ରାଉତଙ୍କ ତ୍ୟାଗମୟ ଜୀବନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ବିଜୟ ପଢ଼ିଆରୀ କହିଲେ, ଢ଼େଙ୍କାନାଳ ହେଉଛି ପ୍ରତିବାଦର ମାଟି। ବ୍ରଜକିଶୋର ଧଳଙ୍କ ରଚିତ ପୁସ୍ତକ 'ଭୁଲିବୁ ନାହିଁରେ'ରେ ରାଜତନ୍ତ୍ର ସମୟର ଅତ୍ୟାଚାର ବିଶଦ ଭାବରେ ବର୍ଣ୍ଣନା ହୋଇଛି ଯାହା ଅତ୍ୟନ୍ତ ହୃଦୟବିଦାରକ। ଅନ୍ୟତମ ଆଲୋଚକ ଭାବେ ବିଶିଷ୍ଟ ଶିକ୍ଷାବିତ୍ ଭବାନୀଶଙ୍କର ମିଶ୍ର ଢ଼େଙ୍କାନାଳ ପ୍ରଜାଆନ୍ଦୋଳନ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଅବସରରେ ବାଜିଙ୍କ ଜୀବନୀ ଆଧାରିତ କବିତା ପାଠୋତ୍ସବ, ଚିତ୍ରକଳା ପ୍ରତିଯୋଗିତା ଏବଂ ଦୀନେଶ ଦାସଙ୍କ ରଚିତ ଓ ନିର୍ଦ୍ଦେଶନାରେ ନାଟକ 'ମୁକ୍ତି ସଳିତା' ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କବି, ଲେଖକ ଓ ସାହିତ୍ୟିକ ଯୋଗଦାନ କରି ଭରପୁର ସାରସ୍ୱତ ଆନନ୍ଦ ଲାଭ କରିଥିଲେ।

# ଜିଲ୍ଲାସ୍ତରୀୟ ସାରସ୍ୱତ ସମାରୋହ : ଭାଷା ବିନା ବଞ୍ଚିପାରିବନି ଜାତି




ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରସ୍ଥିତ ଏମ୍‌ସିଏଲ୍ ଓରିଏଣ୍ଟ ଏରିଆ ରେନ୍‌ବୋ ସଭାକକ୍ଷଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତା୦୫.୧୨.୨୦୨୧ରିଖ ପୂର୍ବାହ୍ଣ ୧୦.୩୦ ଘଟିକା ରବିବାର ଦିନ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସରୋଜ ସାମଲ ଏହାକୁ ଉଦ୍‌ଘାଟନ କରି କହିଲେ, ଭାଷା ରହିଲେ ସାହିତ୍ୟ ରହିବ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହାନଦୀ କୋଲଫିଲ୍ଡସର ଇବ୍ ଭ୍ୟାଲି ଏରିଆ ମହାପ୍ରବନ୍ଧକ ଅନୱର ହୁସେନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଲେ, ପୃଥିବୀର ଯାହା କିଛି ପରିବର୍ତ୍ତନ ହେଉଛି ତାହା କେବଳ ସାହିତ୍ୟ ପାଇଁ। ସମ୍ମାନନୀୟ ଅତିଥିଭାବେ ଏକାଡେମୀ ସଦସ୍ୟ ରଘୁନାଥ ମେହେର, ମୁଖ୍ୟବକ୍ତା ପୂର୍ବତନ ସଦସ୍ୟ ସଞ୍ଜୟ କୁମାର ମିଶ୍ର ଓ ସମ୍ମାନନୀୟ ବକ୍ତା ଉତ୍ପଳକୁମାର ଭୋଇ ଯୋଗଦେଇ ଓଡ଼ିଆ ଲୋକସାହିତ୍ୟକୁ ପଶ୍ଚିମ ଓଡ଼ିଶାର ଅବଦାନ ସମ୍ପର୍କରେ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ଏକାଡେମୀ ସଦସ୍ୟା ଶିବପ୍ରିୟା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସ୍ୱର୍ଣ୍ଣମୟୀ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ 'ନାଟ୍ୟ ସାହିତ୍ୟକୁ ଝାରସୁଗୁଡାର ଅବଦାନ' ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ସାହିତ୍ୟିକ ବ୍ୟାସଦେବ ପଣ୍ଡା, ସୁବାସଚନ୍ଦ୍ର ପ୍ରଧାନ, ଅନୀଲ କୁମାର ଦାସ ଯୋଗଦେଇ ଏନେଇ ନିଜର ମତ ରଖିଥିଲେ। ସେହିପରି ତୃତୀୟ ଅଧିବେଶନ କବିତା ଆସରରେ ଏକାଡେମୀର ପୂର୍ବତନ ସଦସ୍ୟା ମନ୍ଦାକିନୀ ଶତପଥୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ଏସ୍‌ପି ବିକାଶଚନ୍ଦ୍ର ଦାସ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ସଂଗ୍ରାମ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ଏହି ଅବସରରେ ରମେଶ କୁମାର ପଶାୟତ, ଜନ୍ମେଜୟ ଭୋଇ, ସ୍ୱପ୍ନା ସିଂ ଓ ମାଧବୀ ପଟେଲଙ୍କ ଲିଖିତ ତିନୋଟି ପୁସ୍ତକର ଉନ୍ମୋଚନ ହୋଇଥିଲା।

# ସଂସ୍କୃତ ସାହିତ୍ୟକୁ ବଳଦେବ ବିଦ୍ୟାଭୂଷଣଙ୍କ ଅବଦାନ ଅସୀମ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ରେମୁଣା ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଭାଷ୍ୟକାର ବଳଦେବ ବିଦ୍ୟାଭୂଷଣଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଗୌରୀଶଙ୍କର କଲ୍ୟାଣ ମଣ୍ଡପଠାରେ ତା୦୫.୧୨.୨୦୨୧ ସନ୍ଧ୍ୟା ୬.୦୦ ଘଟିକାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଭରତଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳିପଦ ପଣ୍ଡା ମୁଖ୍ୟଅତିଥି, ଔପଦା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶ୍ୟାମସୁନ୍ଦର ପଣ୍ଡା ଓ ଗବେଷକ ନିରଞ୍ଜନ ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବଳଦେବ ବିଦ୍ୟାଭୂଷଣଙ୍କ କାବ୍ୟ, ଅଳଙ୍କାର, ବ୍ୟାକରଣ ଆଦି ସଂପର୍କରେ ବିଶେଷ ଆଲୋକପାତ କରିଥିଲେ । ଏହି ଅବସରରେ ହରେକୃଷ୍ଣ ଗିରି ଓ ବିଷ୍ଣୁପଦୀ ଗିରିଙ୍କ ରଚିତ ଦୁଇଗୋଟି ପୁସ୍ତକ ଲୋକାର୍ପିତ ହୋଇଥିଲା । ଏଥିସହ ବିଶିଷ୍ଟ ସାହିତ୍ୟିକ ପରମାନନ୍ଦ ତ୍ରିପାଠୀଙ୍କୁ ରେମୁଣା ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ନାଟ୍ୟକାର ପ୍ରଦୀପକୁମାର ମିଶ୍ର ଜୟନ୍ତୀ ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିଲେ । ଭାଗବତପ୍ରସାଦ ଦାସ ଏଥିରେ ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ପଦ୍ମଲୋଚନ ପ୍ରଧାନ ଧନ୍ୟବାଦ ଦେଇଥିଲେ । ଶେଷ ପର୍ଯ୍ୟାୟରେ କବି ମଧୁସୂଦନ ମିଶ୍ର, ପ୍ରଭାକର ସାହୁ ଓ ମଧୁସୂଦନ ମାଝୀଙ୍କ ସଂଯୋଜନାରେ କବିତା ପଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ତରୁଣ ତଥା ପ୍ରବୀଣ କବି, କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ପ୍ରାରମ୍ଭରେ ଧର୍ମପ୍ରାଣା ମହିଳା ସତ୍ୟବତୀ ପାଢ଼ୀଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ରାଜ୍ୟସ୍ତରୀୟ ଜୟନ୍ତୀ



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ତାଙ୍କ ଜନ୍ମମାଟିରେ ପାଳନର ଉଦ୍ଦେଶ୍ୟ ଆମେ ଆମ ପାଦତଳର ମାଟିକୁ ଚିହ୍ନିବା, ଦୂର ଦିଗବଳୟର କାନ୍ତିରେ ବିମୋହିତ ନ ହୋଇ କସ୍ତୁରୀମୃଗ ପରି ନିଜସ୍ୱ ଅସ୍ମିତାର ଅନ୍ୱେଷଣ କରିବା, ନିଜ ଦର୍ପଣରେ ନିଜର ମୁହଁ ଦେଖିବା ଏକ ଅନ୍ତରଙ୍ଗ ପ୍ରୟାସ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭଦ୍ରକ ଜିଲ୍ଲାସ୍ଥ ତାଳପଦାରେ ତା୦୯.୧୨.୨୦୨୧ରିଖ ଅପରାହ୍ଣ ୩.୦୦ ଘଟିକାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ ସଭାରେ ମତ ପ୍ରକାଶ ପାଇଛି । ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ଆସରରେ ମୁଖ୍ୟଅତିଥି ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ସମ୍ମାନନୀୟ ଅତିଥି ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ମୁଖ୍ୟବକ୍ତା ଅଧ୍ୟାପକ ଅଭୟ କୁମାର ଦାସ ଯୋଗଦେଇ କାନ୍ତକବିଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଛନ୍ତି । ଏକାଡେମୀର ଅନ୍ୟତମ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ସ୍ମୃତି ସଂସଦର ସଦସ୍ୟ ଚିନ୍ତାମଣି ଦାସ ଅତିଥି ପରିଚୟ ପ୍ରଦାନ ଓ ବିଶ୍ୱରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଅତିଥି ସଞ୍ଚାଳକ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ସଂଯୋଜନାରେ କାନ୍ତକବି ଆଧାରିତ ଦେଶାତ୍ମବୋଧକ କବିତା ପାଠୋତ୍ସବରେ ବାବୁରାମ ରାଉତ, ସଞ୍ଜୁକ୍ତା ଭାରତୀ, ସୁବାସ ମହାନ୍ତି କୈଳାସ ବେହେରା, ଦେବେନ୍ଦ୍ରନାଥ ମହାଳିକ, ରବିନାରାୟଣ ଖିଲାର, ବିସ୍ମୟ ବିହାରୀ ସାହୁ, ନିରଞ୍ଜନ ବାରିକ, ନୀଳମାଧବ ସେନାପତି, ମୁକୁନ୍ଦଦେବ ନାୟକ ପ୍ରମୁଖ ବହୁ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ ।

# ଓଡ଼ିଆଙ୍କ ପ୍ରାଣରେ ଶାଶ୍ୱତ ଚେତନା ଭରିଥିଲେ ସନ୍ଥ ଯଶୋବନ୍ତ



ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀରେ ଓଡ଼ିଆ ଜାତିର ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ତଥା ସାହିତ୍ୟିକ ଚିନ୍ତା ଚେତନାକୁ ଲୋକଲୋଚନକୁ ଆଣି ଜନସାଧାରଣଙ୍କ ମନରେ ସ୍ୱତଃ ଈଶ୍ୱରୀୟ ଭକ୍ତି ଜାଗ୍ରତ କରିବାରେ ସିଦ୍ଧସାଧକ, ଭକ୍ତ କବି, ମାଳିକାକାର, ଯୋଗୀ, ମହାପୁରୁଷ ଯଶୋବନ୍ତ ଦାସ ଗୋସ୍ୱାମୀଙ୍କ ବଳିଷ୍ଠ ଭୂମିକା ଥିଲା। ଯଶୋବନ୍ତଙ୍କ ପିଣ୍ଡ, ବ୍ରହ୍ମାଣ୍ଡ ଓ ଶରୀର ଭେଦ ସାଧନାର ବାଣୀ ଯୁଗ ଯୁଗ ଧରି ଜନମାନସକୁ ଦିଗଦର୍ଶନ ଦେଉଥିବ ବୋଲି ରାଜ୍ୟସ୍ତରୀୟ ମହାପ୍ରୟାଣ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଯଶୋବନ୍ତ ସାଂସ୍କୃତିକ ବିକାଶ କଳା ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଜଗତସିଂହପୁର ଜିଲ୍ଲାସ୍ଥ ଯଶୋବନ୍ତ ଦାସଙ୍କ ଆବିର୍ଭାବ ପୀଠ ଅଡ଼ଙ୍ଗ ଗଡ଼ରେ ତା୦୯.୧୨.୨୦୨୧ରିଖ (ଗୁରୁବାର) ଦିନ ଆୟୋଜିତ ସଭାରେ ଯଶୋବନ୍ତ ସାଂସ୍କୃତିକ ବିକାଶ କଳା ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତକୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ପୂର୍ବତନ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ ମୁଖ୍ୟଅତିଥି, ଧାନକୁଦ ପୀଠର ପୀଠାଧୀଶ ଆଚାର୍ଯ୍ୟ ପ୍ରେମସାଗର ବାବା ଅରକ୍ଷିତ ଦାସଜୀ ମହାରାଜ ମୁଖ୍ୟବକ୍ତା, ସାହିତ୍ୟିକ ବନଶ୍ରୀ ମହାପାତ୍ର ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ସନ୍ଥ ଯଶୋବନ୍ତ ଦାସ ତତ୍କାଳୀନ ସମାଜର ପଥ ପ୍ରଦର୍ଶକ ଥିଲେ ଓ ସେ ସେ ଜାତିଆଣ ଭାବକୁ ବିରୋଧ କରି ସମସ୍ତ ଜାତିବର୍ଣ୍ଣର ଊର୍ଦ୍ଧ୍ୱରେ ମଣିଷର ସେବାରେ ବ୍ରତୀ ରହିଥିଲେ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ତାଙ୍କର ସାହିତ୍ୟକୃତି ମାଧ୍ୟମରେ ଗୀତ ଗୋବିନ୍ଦଚନ୍ଦ୍ର, ଗୁପ୍ତ ମାଳିକା, ରାସ ମାଳିକା ମାଧ୍ୟମରେ ସେ ସାରସ୍ୱତସାଧନା ଓ ସମାଜସଂସ୍କାର ନିଷ୍ଠାର ସହ ସମାପନ କରିଥିଲେ ଯାହାଦ୍ୱାରା ଓଡ଼ିଆ ଜାତିକୁ ସେ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ସମର୍ଥ ହୋଇଛନ୍ତି ବୋଲି ମଞ୍ଚାସୀନ ସମ୍ମାନନୀୟ ଅତିଥିମାନେ ସେମାନଙ୍କ ବକ୍ତବ୍ୟ ମାଧ୍ୟମରେ ମତପୋଷଣ କରିଥିଲେ। ଏହି ଅବସରରେ ଯଶୋବନ୍ତ ସେବା ସମ୍ମାନରେ ବନଶ୍ରୀ ମହାପାତ୍ର, ଯଶୋବନ୍ତ କଳା ସମ୍ମାନରେ ଗୀତିକାର ଲଳିତନାରାୟଣ ରଥ, ଯଶୋବନ୍ତ ସଂସ୍କୃତି ସମ୍ମାନରେ ସାମ୍ବାଦିକ ରାଜକିଶୋର ଦାସ, ଯଶୋବନ୍ତ ପ୍ରତିଭା ସମ୍ମାନରେ ସ୍ମରଣିକା ନନ୍ଦ, ରଶ୍ମିରଞ୍ଜନ ପଣ୍ଡା ଓ ମୀନାକ୍ଷୀ ରଥଙ୍କୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ଏକାଡେମୀର ଉପବିଭାଗ ଅଧିକାରୀ ସଞ୍ଜୟକୁମାର ଛୁଆଳସିଂହ ମଞ୍ଚାସୀନ ଅତିଥିଗଣ ତଥା ଉପସ୍ଥିତ କବି, ଲେଖକ ଓ ସାହିତ୍ୟିକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଲ୍ଲୀଜୀବନ ଚିତ୍ରଣର ଶ୍ରେଷ୍ଠ ରୂପକାର: ନନ୍ଦକିଶୋର ବଳ



ପଲ୍ଲୀକବି ନନ୍ଦକିଶୋର ବଳ ଥିଲେ ପଲ୍ଲୀ ଜୀବନ ଚିତ୍ରଣର ଶ୍ରେଷ୍ଠ ରୂପକାର। କବିଙ୍କ ୧୪୬ତମ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କିସ୍ ଓ କିଟ୍ ଅନୁଷ୍ଠାନର ଅଧ୍ୟକ୍ଷା ଶାଶ୍ୱତୀ ବଳ ତାଙ୍କ ବକ୍ତବ୍ୟ ମାଧ୍ୟମରେ ଏହି ମତପୋଷଣ କରିଥିଲେ। କବିଙ୍କ ଜନ୍ମମାଟି କଟକ ଜିଲ୍ଲା ମାହାଙ୍ଗା ବ୍ଲକର କୁସୁପୁରଠାରେ ଥିବା ପଲ୍ଲୀକବି ସ୍ମୃତି ଭବନ ପରିସରରେ ତା୨୨.୧୨.୨୦୨୧ ଅପରାହ୍ଣ ୫.୦୦ଘଟିକାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଶ୍ରୀବନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀମତୀ ଶାଶ୍ୱତୀ ବଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ମନୋଜ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଭାଗବତ ଶୁକ୍ଳ, ସମାଜସେବୀ କେଶବ ବେହେରା, ପଙ୍କଜ ସାହୁ, ସମିତିସଭ୍ୟ ପ୍ରଶାନ୍ତକୁମାର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଏକାଡେମୀର ଉପବିଭାଗ ଅଧିକାରୀ ସଞ୍ଜୟକୁମାର ଛୁଆଳସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ନନ୍ଦକିଶୋର ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଫେସର ଗୋଲୋକବିହାରୀ ଧଳ ଜନ୍ମଶତବାର୍ଷିକୀ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଢେଙ୍କାନାଳସ୍ଥ ପୁରୁଣା ଜିଲ୍ଲାପରିଷଦ ଗୃହରେ ତା୧୫.୧୨.୨୦୨୧ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ ପ୍ରଖ୍ୟାତ ଶିକ୍ଷାତତ୍ତ୍ୱବିତ୍ ପ୍ରଫେସର ଗୋଲୋକବିହାରୀ ଧଳ ଜନ୍ମ ଶତବାର୍ଷିକୀ ପାଳିତ ହୋଇଛି। ପ୍ରଥମ ଅଧିବେଶନରେ ସାହିତ୍ୟିକ ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ଧଳଙ୍କ ସାମଗ୍ରିକ କୃତି ସମ୍ବନ୍ଧରେ ନିବନ୍ଧ ପାଠ କରିଥିଲେ। ସେ କେବଳ ପ୍ରଥିତଯଶା ଲେଖକ ନୁହନ୍ତି, ବ୍ୟକ୍ତିଗତ ଜୀବନରେ ମଧ ଉଚ୍ଚାଦର୍ଶ ସଂପନ୍ନ ଥିଲେ ବୋଲି ସେ ଦର୍ଶାଇଥିଲେ। ଏହି ସଭାରେ ପ୍ରଦୀପ୍ତ ବାରିକ ମୁଖ୍ୟବକ୍ତା ରୂପେ ଯୋଗଦେଇ ଗୋଲୋକବିହାରୀଙ୍କ କୃତିରେ ପାଠକମାନେ ସେମାନଙ୍କର ମନପସନ୍ଦର ସମସ୍ତ ପ୍ରକାର ଲେଖା ପାଇପାରିବେ ବୋଲି କହିଥିଲେ। ଶିଳ୍ପୀ ପରେଶ ପଟ୍ଟନାୟକ ସମ୍ମାନନୀୟ ବକ୍ତା ଭାବେ ଯୋଗଦେଇ ଗୋଲୋକବିହାରୀଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ ଚିଠି ପାଠ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଭାରତୀୟ ସଂସ୍କୃତି ଆତ୍ମସଂଯମର ସଫଳ ଅଭ୍ୟାସ ବୋଲି ପ୍ରଫେସର ଧଳ ବିଶ୍ୱାସ କରୁଥିବା ପ୍ରକାଶ କରିଥିଲେ। ତାଙ୍କ ବଡ଼ ପୁଅ ସଞ୍ଜୟ ଧଳ, ସାନପୁଅ ସୌଭାଗ୍ୟରଞ୍ଜନ ଧଳ, ଝିଅ ମଞ୍ଜୁଶ୍ରୀ ଧଳ ପ୍ରମୁଖ ଶତବାର୍ଷିକ ଉତ୍ସବରେ ଯୋଗଦେଇ ପିତାଙ୍କ ଶୃଙ୍ଖଳାବୋଧ ଓ ଜୀବନଚର୍ଯ୍ୟାର ସ୍ମୃତିଚାରଣ କରିଥିଲେ। ପ୍ରଫେସର ଧଳଙ୍କ ଜ୍ୱାଇଁ ସିଦ୍ଧାର୍ଥ ପ୍ରଧାନ, ପୁତୁରା ମୁକୁନ୍ଦପ୍ରସାଦ ଧଳ, ଧନଞ୍ଜୟ ଧଳ, ଶାଳକ ଉତ୍କଳ ରାଉତରାୟ ଗୋଲୋକବିହାରୀଙ୍କ ସହ ବିତାଇଥିବା କେତେକ ଅଭୁଲା ମୁହୂର୍ତ୍ତ ସଂପର୍କରେ ନିଜ ନିଜର ଅନୁଭୂତି ବଖାଣିଥିଲେ। ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ପୁଷ୍ପଲତା ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବାହାଦୂର ପାଟସାହାଣୀଙ୍କ ଅଧକ୍ଷତାରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ସୁଭାଷଚନ୍ଦ୍ର ଦାଶ ମୁଖ୍ୟଅତିଥି, ଅଧ୍ୟାପକ ଗୁରୁଚରଣ ରାଉତରାୟ ମୁଖ୍ୟବକ୍ତା, ଜୟକୃଷ୍ଣ ମିଶ୍ର ସମ୍ମାନନୀୟ ବକ୍ତାଭାବେ ଯୋଗଦେଇ ପ୍ରଫେସର ଧଳଙ୍କ ସାହିତ୍ୟକୃତି ଉପରେ ବିଶେଷ ଆଲୋକପାତ କରିଥିଲେ। କବି ପ୍ରଭାସିନୀ ମହାକୁଡ଼, ଅଧ୍ୟାପକ ବିଶ୍ୱନାଥ ମହାପାତ୍ର ଗୋଲୋକବିହାରୀଙ୍କ ସଂପର୍କରେ ନିଜ ଅନୁଭୂତି ବ୍ୟକ୍ତ କରିଥିଲେ। ପରିଶେଷରେ ଧନ୍ୟବାଦ ଅର୍ପଣ କରାଯାଇ ଶତବାର୍ଷିକୀ ସମାରୋହ ସମାପନ ହୋଇଥିଲା।

# ସାହିତ୍ୟକୃତି ଶିଶୁ ଅନନ୍ତଙ୍କୁ କାଳଜୟୀ କରିଛି



ଶିଶୁ ଅନନ୍ତ ସ୍ମୃତି ସଂସଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ସିଦ୍ଧ ସାଧକ ଶିଶୁଅନନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କବିଙ୍କ ଆବିର୍ଭାବ ପୀଠ ଖୋର୍ଦ୍ଧା ଜିଲ୍ଲାସ୍ଥ ବାଲିପାଟଣାରେ ତା୧୭.୧୨.୨୦୨୧ରିଖ ପୂର୍ବାହ୍ନ ୧୧.୦୦ଘଟିକାରେ ପାଳିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ଅଭିମନ୍ୟୁ ନାୟକଙ୍କ ସଭାପତିତ୍ୱରେ ଜୟଦେବ ବିଧାୟକ ଅରବିନ୍ଦ ଢ଼ାଲି ଉଦ୍‌ଘାଟକ ଭାବେ ଯୋଗଦେଇ ଶିଶୁ ଅନନ୍ତ ପୀଠର ଉନ୍ନତିକରଣ କାର୍ଯ୍ୟ ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଭାଷଣ ପ୍ରସଙ୍ଗରେ ଉଲ୍ଲେଖ କରିଥିଲେ। ରେକି ମିଶନ ଅଧକ୍ଷ ବିଜ୍ଞାନୀଗୁରୁ ଶ୍ରୀଗୁରୁ ସନ୍ତୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଶିଶୁ ଅନନ୍ତ ତାଙ୍କ ସାହିତ୍ୟକୃତି ପାଇଁ କାଳଜୟୀ ହୋଇ ରହିବେ। ତାଙ୍କ ହଜିଲା କୃତିକୁ ଆବିଷ୍କାର କଲେ ସମାଜର ଏକ ବଡ଼ ଉପଲବ୍ଧି ହେବ। ସେହିପରି ଜଗନ୍ନାଥ ସଂସ୍କୃତି ଗବେଷକ ଜ୍ଞାନ ନନ୍ଦ ସାଗରକୁମାର ବେହେରା ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ଅନନ୍ତଙ୍କ ସୃଷ୍ଟିସଂଭାର ଉପରେ ବିଶଦ୍‌ଭାବେ ଆଲୋକପାତ କରିଥିଲେ। ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରଶ୍ମିରଞ୍ଜନ ଶତପଥୀ ଯୋଗଦେଇଥିଲେ। ସ୍ମୃତି ସଂସଦ ସମ୍ପାଦିକା ଶ୍ରୀମତୀ ତନୟା ଦାସଗୋସ୍ୱାମୀ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଏହି ଅବସରରେ ଶିଶୁ ଅନନ୍ତ ସ୍ମୃତି ସଂସଦ ପକ୍ଷରୁ ଲେଖକ ପୀତବାସ ରାଉତରାୟଙ୍କୁ ଶିଶୁ ଅନନ୍ତ ସମ୍ମାନ, ପଦ୍ମଶ୍ରୀ ବଟକୃଷ୍ଣ ସାହୁଙ୍କୁ ବାଲିପାଟଣା ଗୌରବ, ଅଭିରାମ ସରସ୍ୱତୀଙ୍କୁ ବାବା ମଧୁସୂଦନ ସମ୍ମାନ, ପ୍ରସନ୍ନକୁମାର ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ସାମ୍ବାଦିକ ଗୌରବ ଓ ଶିଶୁ ସାହିତ୍ୟିକ ନୀଳମଣି ଚାନ୍ଦଙ୍କୁ ବଡ଼ଭାଇ ନଦିଆ ବିହାରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସଙ୍ଗୀତଜ୍ଞ ରବିକୁମାର ଓ ତାଙ୍କ ସାଥି ଉତ୍ସବରେ ଆବାହନୀ ସଙ୍ଗୀତ ଗାନ କରିଥିବାବେଳେ ସାହିତ୍ୟିକ ଦେବାଶିଷ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ।

# ମୋଗଲତାମସା ଓ ଜାତୀୟସଙ୍ଗୀତ ଓଡ଼ିଆସାହିତ୍ୟକୁ କଳାତ୍ମକ ଦୃଷ୍ଟିକୋଣରୁ ସମୃଦ୍ଧ କରିଛି




ଆଧୁନିକ ସାହିତ୍ୟର ଅନ୍ତୁଡ଼ିଶାଳ ଅବିଭକ୍ତ ବାଲେଶ୍ୱର ଜିଲ୍ଲା। ଏ ମାଟି ବହୁ ବିଶିଷ୍ଟ କବି, ପ୍ରଖ୍ୟାତ ସାହିତ୍ୟିକଙ୍କୁ ଜନ୍ମ ଦେଇଛି। ଗ୍ରାମାଞ୍ଚଳ ନିଛକଚିତ୍ର ନିଜର କବିତା ଓ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରି କାନ୍ତକବି ଓଡ଼ିଆ ପରମ୍ପରା, ସଂସ୍କୃତି ଏବଂ ସାହିତ୍ୟକୁ ଅଧିକ ଋଦ୍ଧିମନ୍ତ କରିପାରିଛନ୍ତି। ଭଦ୍ରକର ମୋଗଲତାମସା ଓ ରାଜ୍ୟ ଜାତୀୟସଙ୍ଗୀତ ଓଡ଼ିଆ ସାହିତ୍ୟ ଜଗତକୁ ଭଦ୍ରକର ବରପୁତ୍ରଙ୍କ ଶ୍ରେଷ୍ଠ ଅବଦାନ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଧାମନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟ ପରିସରରେ ତା୧୯.୧୨.୨୦୨୧ରିଖ ପୂର୍ବାହ୍ଣରେ ଏକାଡେମୀ ପକ୍ଷରୁ ଆୟୋଜିତ ଏକଦିବସୀୟ ସାରସ୍ୱତ ସମାରୋହର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଧାମନଗର ବିଧାୟକ ବିଷ୍ଣୁ ସେଠୀ, ବରେଣ୍ୟ ଅତିଥି ବରିଷ୍ଠ କବି ତଥା କାର୍ଯ୍ୟକାରୀ ପରିଷଦ ସଦସ୍ୟ ନୃସିଂହ ଷଡ଼ଙ୍ଗୀ, ମୁଖ୍ୟବକ୍ତା କଥାକାର ବିଜୟ ନାୟକ ଯୋଗଦେଇଥିଲେ। ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଧାମନଗର ପ୍ରେସ କ୍ଲବ୍ ସାଧାରଣ ସମ୍ପାଦକ ପ୍ରଦୀପକୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ପ୍ରଥମ ଅଧିବେଶନରେ 'ଭଦ୍ରକର କଥା ସାହିତ୍ୟ ପରମ୍ପରା' ଉପରେ ଆଲୋଚନା ହୋଇଥିବା ବେଳେ ଦ୍ୱିତୀୟ ଅଧିବେଶନରେ ଶଶଧର ଦାସଙ୍କ ପୌରୋହିତ୍ୟରେ 'ଭଦ୍ରକର ସାରସ୍ୱତ ପୃଷ୍ଠଭୂମିରେ ଧାମନଗର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ବୈରାଗୀ ପଟ୍ଟନାୟକ, ଶିଶୁ ସାହିତ୍ୟିକ କାହ୍ନୁଚରଣ, କାନ୍ତ ସାହିତ୍ୟ ପରିଷଦ ସମ୍ପାଦକ ଶଚ୍ଚିକାନ୍ତ ପଣ୍ଡା ଓ ପ୍ରେସ କ୍ଲବ ସଭାପତି ବାସୁଦେବ ତ୍ରିପାଠୀ ଯୋଗଦେଇଥିବା ବେଳେ ମନୋଜକୁମାର କର ଧନ୍ୟବାଦ ଦେଇଥିଲେ। ତୃତୀୟ ଅଧିବେଶନରେ କବିତା ପାଠ କାର୍ଯ୍ୟକ୍ରମରେ ରାଧାରାଣୀ ମହାପାତ୍ରଙ୍କ ପୌରୋହିତ୍ୟରେ ଅବନୀ ପ୍ରଧାନ, ଦିବ୍ୟସିଂହ ଦାସ ଅଧିକାରୀ, ଅଭୟ ସୂତାର, ରସାନନ୍ଦ ମହାପାତ୍ର ସମ୍ମାନନୀୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରଶାନ୍ତକୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପ୍ରାଚୀରପତ୍ର 'ଉଭାସ'ର ନୂତନ ସଂସ୍କରଣ ବରେଣ୍ୟ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା

# ନବରଙ୍ଗପୁରରେ 'ଶରତ ସୃଜନୀ' ଆଲୋଚନାଚକ୍ର




ନବରଙ୍ଗପୁର ଜିଲ୍ଲାର ଧୋଡ୍ରାଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତା୧୯.୧୨.୨୦୨୧ରିଖ (ରବିବାର) ପୂର୍ବାହ୍ଣ ୧୦.୩୦ ଘଟିକାରେ ସାଧାରଣ ପରିଷଦ ସଦସ୍ୟ ବଲ୍ଲଭ ରାଉତଙ୍କ ଅଧ୍ୟକ୍ଷତାରେ 'ଶରତ ସୃଜନୀ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ 'ଆଦିବାସୀ ସମାଜରେ ଶରତ ଋତୁର ବୈଶିଷ୍ଟ୍ୟ' ଶୀର୍ଷକ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ପ୍ରକାଶଚନ୍ଦ୍ର ମାଝୀ ମୁଖ୍ୟଅତିଥି ଏବଂ ଉପଆରକ୍ଷୀ ଅଧୀକ୍ଷକ ତଥା ଏକାଡେମୀ କାର୍ଯ୍ୟକାରୀ ପରିଷଦ ସଦସ୍ୟ ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା, ରାୟଗଡ଼ା ସଦସ୍ୟ କବି ସୁଶାନ୍ତକୁମାର ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ଆଲୋଚକ ଭାବେ ସୁରେନ୍ଦ୍ରନାଥ ଦାଶ, ନାରାୟଣ ପଣ୍ଡା, ସମାଜସେବୀ ଜଗନ୍ନାଥ ମହାପାତ୍ର ଓ ପ୍ରଦୀପ କୁମାର ମିଶ୍ର ଯୋଗଦେଇ ଆଦିବାସୀ ଜନଜୀବନରେ ଶରତ ଋତୁର ପ୍ରଭାବ ସଂପର୍କରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଶରତ ଋତୁ ସଂପର୍କିତ କବିତା ପାଠ ଉତ୍ସବ ପ୍ରଫୁଲ୍ଲକୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏବଂ ପ୍ରଭାତୀ ଦେବନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ କୋରାପୁଟ ଜିଲ୍ଲା ସଦସ୍ୟ ଲକ୍ଷ୍ମୀକାନ୍ତ ପାଢ଼ୀ, କବୟିତ୍ରୀ ଜେମାମଣୀ ବିଷୋୟୀ, ବ୍ୟଙ୍ଗକବି ବିଜୟକୁମାର ଚୌଧୁରୀ, କବି ଜଗଦୀଶଚନ୍ଦ୍ର ତ୍ରିପାଠୀ, ଭାଗୀରଥି ସ୍ମୃତି ସଂସଦର ସମ୍ପାଦକ ରାମପ୍ରସାଦ ପାତ୍ର, ଅଧ୍ୟାପକ ପରିକ୍ଷୀତ ସାହୁ, କବି ଟୁଟୁ ବାବୁ ପଟ୍ଟନାୟକ, ସ୍ୱପ୍ନା ମହାନ୍ତି, ସ୍ମୃତି ପଣ୍ଡା, ରତିକାନ୍ତ ଦୁବେ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଏମ୍. ହିମାଂଶୁ ଆଚାରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବଲ୍ଲଭ ରାଉତଙ୍କ ଗୀତିନାଟ୍ୟ 'ଅଦୃଶ୍ୟ ଦାନବ', କବୟିତ୍ରୀ ପ୍ରଭାତ ଦେବନାଥଙ୍କ କବିତା ସଂକଳନ 'ବ୍ୟାପ୍ତି ଭୈରବ,, କବୟିତ୍ରୀ ଜେମାମଣି ବିଷୋୟୀଙ୍କ ପ୍ରବନ୍ଧ 'ଚର୍ବିତ ଚର୍ବଣ' ଏବଂ ଅଧ୍ୟାପକ ପରୀକ୍ଷିତ ସାହୁଙ୍କ ଗଳ୍ପ ସଂକଳନ 'ଭିନ୍ନ ଏକ ଶବରୀ ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।

# ଆଧୁନିକ ଓଡ଼ିଆ କବିତାର ପ୍ରବର୍ତ୍ତକ ସଚ୍ଚି ରାଉତରାୟ




କଟକ ସାରଳା ଭବନରେ କବି ସଚ୍ଚି ରାଉତରାୟ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାରଳା ସାହିତ୍ୟ ସଂସଦ ମିଳିତ ସହଯୋଗରେ ତା୧୯.୧୨.୨୦୨୧ରିଖ ପୂର୍ବାହ୍ନ ୧୧.୦୦ଘଟିକାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ଅରୁନ କୁମାର ପରିଚ୍ଛା ଯୋଗଦେଇ କହିଥିଲେ, ଆଧୁନିକ ଓଡ଼ିଆ କବିତାର ପ୍ରବର୍ତ୍ତକ ଥିଲେ ସଚ୍ଚି ରାଉତରାୟ। ତାଙ୍କ ରଚିତ 'ଛୋଟ ମୋର ଗାଁଟି' କବିତା ଓଡ଼ିଆ ସାହିତ୍ୟରେ ଏକ ଅନତିକ୍ରମଣୀୟ କାଳଜୟୀ ସୃଷ୍ଟି। ମୁଖ୍ୟବକ୍ତା ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମଣିଷର କବି ସଚ୍ଚି ରାଉତରାୟ ଶୀର୍ଷକ ସ୍ମାରକୀ ବକ୍ତୃତା ଉପସ୍ଥାପନ କରିଥିଲେ। ସମ୍ମାନନୀୟ ଅତିଥି ଇଂ ପ୍ରଭାକର ସ୍ୱାଇଁ ସଚ୍ଚି ରାଉତରାୟଙ୍କ କାବ୍ୟପ୍ରତିଭା ସମଗ୍ର ଭାରତୀୟ ସାହିତ୍ୟରେ ବିରଳ ବୋଲି କହିଥିଲେ, ସେ ବିଶ୍ୱ ସାହିତ୍ୟ ସହିତ ସମାନ୍ତରାଳ ଧାରା ସୃଷ୍ଟି କରି ଓଡ଼ିଆ ଭାଷାରେ ଯେଉଁ ଯୁଗାନ୍ତକାରୀ କବିତା ରଚନା କରିଛନ୍ତି, ତାହା ତାଙ୍କୁ ଚିରଦିନ ପାଇଁ ଅମର କରି ରଖିବ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରୋହିତ୍ୟ ଅଭିଭାଷଣ ପ୍ରଦାନ କରି ରାଧାନାଥ ରାୟଙ୍କ ଠାରୁ ଆରମ୍ଭ ହୋଇଥିବା ଓଡ଼ିଆ କବିତାର ନୂତନ ପ୍ରସ୍ଥର ଯଥାର୍ଥ ଦାୟାଦ କବି ସଚ୍ଚି ରାଉତରାୟ ଥିଲେ ବୋଲି ପ୍ରକାଶ କରିଥିଲେ। ଏଥିରେ ଶ୍ରୀହର୍ଷ ରାଉତରାୟ, ସ୍ୱର୍ଣ୍ଣ ମିଶ୍ର, ପ୍ରଫେସର ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ମୁଁ ସଚ୍ଚି ରାଉତରାୟଙ୍କୁ ଯେମିତି ଜାଣେ ପ୍ରସଙ୍ଗରେ ଅଭିବ୍ୟକ୍ତ ପ୍ରଦାନ କରିଥିଲେ। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଏକାଡେମୀର ଆଭିମୁଖ୍ୟ ସଂପର୍କରେ ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ମଞ୍ଚାସୀନ ଅତିଥିଗଣଙ୍କୁ ସ୍ୱାଗତ କରିଥିଲେ। ଏକାଡେମୀର ଉପସଭାପତି କବି ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟରେ କବି ସଚ୍ଚି ରାଉତରାୟଙ୍କ ସୃଷ୍ଟିସମଗ୍ର ଉପରେ ଆଲୋକପାତ କରିଥିଲେ। ଏକାଡେମୀ ସଦସ୍ୟା ସୁନୀତି ମୁଣ୍ଡ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ଅତିଥିଗଣଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇ କାର୍ଯ୍ୟକ୍ରମ ପରିସମାପ୍ତି ହୋଇଥିଲା।

# ବଡ଼ଗାଁରେ ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବଡ଼ଗାଁସ୍ଥିତ ପଞ୍ଚାୟତସମିତି ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ତା୧୯.୧୨.୨୦୨୧ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ 'ଆମ ଗାଁ-ଆମ ସାହିତ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲ୍ଲା ପ୍ରତିନିଧି ସୁପ୍ରିୟା ପାଲଙ୍କ ପୌରୋହିତ୍ୟରେ ପ୍ରଥମ ଅଧିବେଶନକୁ ଉଦ୍‌ଘାଟନ କରିଥିଲେ ଅନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତକୁମାର ଚୌଧୁରୀ। ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରସିଦ୍ଧ କଥାକାର ଗିରି ଦଣ୍ଡସେନା ଗ୍ରାମାଞ୍ଚଳରେ ସାହିତ୍ୟର ପ୍ରଚାର ପ୍ରସାର ବ୍ୟାପକ ହେବା ଉଚିତ ବୋଲି ଅଭିମତ ରଖିଥିଲେ। ବିଶିଷ୍ଟ ଅତିଥି ଭାବେ ଗାଳ୍ପିକ ରାଜୁ ଷଡ଼ଙ୍ଗୀ ଏବଂ ବଡ଼ଗାଁ ବିଡିଓ କବି କ୍ଷମାନିଧି ଭୋଇ ସାହିତ୍ୟ ଗ୍ରାମ୍ୟ ଜୀବନରୁ ହିଁ ସୃଷ୍ଟି ହୋଇ ସମାଜର ବିକାଶ ଓ ମଙ୍ଗଳରେ ସଫଳତା ଲାଭ କରେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଦ୍ୱିତୀୟ ଅଧିବେଶନରେ ଏକାଡେମୀର ଅନ୍ୟତମ ସଦସ୍ୟ କବି ରାଜୀବ ପାଣିଙ୍କ ସଭାପତିତ୍ୱରେ 'ସ୍ୱର୍ଗତ କବି ରଜନୀକାନ୍ତ ଦାସଙ୍କ ଗଦ୍ୟସାହିତ୍ୟ ଏକ ବିହଙ୍ଗାଲୋକନ' ଶୀର୍ଷକ ଆଲୋଚନାଚକ୍ରରେ ପ୍ରାଧ୍ୟାପିକା ମୀନତି ମିଶ୍ର, ଭଗବାନ ପଟେଲ ଓ ରାଜକୁମାର ମହାନ୍ତି ଅଭିବ୍ୟକ୍ତ ରଖିଥିଲେ। ପରେ କବିତା ପାଠୋତ୍ସବ ହୋଇଥିଲା। ସୁନ୍ଦରଗଡ଼ ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିବିଧବିଶ୍ୱ, ପ୍ରାଧ୍ୟାପକ ଦଶରଥ ନାଏକ, କବି ସୁଧାଂଶୁ ଅଶୋକ, ଅଧ୍ୟାପିକା ପ୍ରଣତି ବେହେରା, ଗୋପକୃଷ୍ଣ ନାୟକ, ଗଣେଶ ତ୍ରିପାଠୀ, ଛବିଳ ସେଠ, ସୁବ୍ରତ ମିଶ୍ର ଏବଂ ଶାଶ୍ୱତ ନାଏକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ପ୍ରାଧ୍ୟାପକ ଧୂଳେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

# ସ୍ମୃତିତର୍ପଣ

## ସାହିତ୍ୟିକ ବିଜୟକୁମାର ବାରିକଙ୍କ ପରଲୋକ



ବିଶିଷ୍ଟ ସାହିତ୍ୟିକ ବିଜୟକୁମାର ବାରିକ ତା୨୮.୧୨.୨୦୨୧ରିଖ ପୂର୍ବାହ୍ଣ ୧୦.୦୦ ଘଟିକାରେ ତାଙ୍କ ବାସସ୍ଥାନ ବାରିପଦାଠାରେ ପରଲୋକ ଗମନ କରିଛନ୍ତି। ତାଙ୍କ ବିୟୋଗରେ ମୟୂରଭଞ୍ଜ ମାଟି ଜଣେ ସାରସ୍ୱତ ସଙ୍ଗଠକ ତଥା ସୁଖ୍ୟାତ ସାହିତ୍ୟ ସାଧକଙ୍କୁ ହରାଇଛି ଏବଂ ସେ ଥିଲେ ମୟୂରଭଞ୍ଜର ସାହିତ୍ୟାକାଶରେ ଜଣେ ଉଜ୍ଜ୍ୱଳ ନକ୍ଷତ୍ର। ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ହେବା ସହିତ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀକୁ ମୟୂରଭଞ୍ଜ ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। ନିଜ ଜୀବନକାଳ ମଧ୍ୟରେ ସେ ଅନେକ ସାହିତ୍ୟ ସୃଷ୍ଟି କରିଛନ୍ତି, ଯାହା ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରି ତାଙ୍କୁ ଚିରକାଳ ଅମର କରି ରଖିବ। ତାଙ୍କର ଉଲ୍ଲେଖନୀୟ ସୃଷ୍ଟି ସମ୍ଭାର ମଧ୍ୟରେ ଚକ୍ରାନ୍ତ, ମହାନଦୀର ଦେଶ, ଅରୁନ୍ଧତୀକୁ ଚିଠି, ନାରୀ ମନର ଇତିକଥା, ସତୀ ସୀତାର ଅଶ୍ରୁ, ରାହୁଗ୍ରାସ ଆଦି ଅନ୍ୟତମ। ତାଙ୍କ ବିୟୋଗରେ ସାରସ୍ୱତ ଜଗତରେ ଶୋକର ଛାୟା ଖେଳିଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ୱର୍ଗତ ବାରିକଙ୍କ ଅମରଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

## ଆରପାରିରେ କବି ଅଖିଳ ନାୟକ



ସମକାଳୀନ ଓଡ଼ିଆ କବିତାର ଏକ ପ୍ରଭାବଶାଳୀ ସ୍ୱର କବି ଅଖିଳ ନାୟକ କଟକରେ ଚିକିତ୍ସାଧୀନ ଅବସ୍ଥାରେ ତା୧୪.୧୧.୨୧ରିଖ ସକାଳେ ପରଲୋକ ଗମନ କରିଛନ୍ତି। ତାଙ୍କ କବିତାରେ ସଂକ୍ଷିପ୍ତ ଶବ୍ଦ ପ୍ରୟୋଗ ମାଧୁର୍ଯ୍ୟ ପରିପୂର୍ଣ୍ଣ ଲାଳିତ୍ୟ ଓ କଥିତ ଶୈଳୀରେ ଅଭିନବ ଉପସ୍ଥାପନା ନିମନ୍ତେ ସେ ଓଡ଼ିଆ ସାହିତ୍ୟ ଜଗତରେ ପ୍ରସିଦ୍ଧି ଅର୍ଜନ କରିଥିଲେ। ଅଖିଳଙ୍କ ସୃଷ୍ଟି ମଧ୍ୟରେ 'ଗାଧୁଆବେଳ', 'ଗୁଲିଖଟି', 'ଧୋବ ଫରଫର', 'ଧିକ୍' ଓ 'କ୍ଷେତପୁରାଣ' କବିତା ସଂକଳନ ହୋଇଥିବାବେଳେ 'ଭେଦ' ଓ 'ଅବିଜା' ଉପନ୍ୟାସ 'ସାତରାତି' ଅନୁବାଦ ଗଳ୍ପ ସଂକଳନ ଆଦି ଉଲ୍ଲେଖନୀୟ। ତାଙ୍କ ବିୟୋଗ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଅପୂରଣୀୟ ଶୂନ୍ୟସ୍ଥାନ ହୋଇ ରହିବ ବୋଲି ପ୍ରକାଶ କରି ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି।

## ଶିକ୍ଷାବିତ୍ ରାଜକିଶୋର ମିଶ୍ରଙ୍କ ପରଲୋକ



ପରଲୋକରେ ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ପ୍ରଫେସର ରାଜକିଶୋର ମିଶ୍ର। ହୃଦ୍‌ଘାତରେ ରାଜକିଶୋରଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା କ୍ଷଣି ସାହିତ୍ୟିକ ଓ ତାଙ୍କ ଶୁଭେଚ୍ଛୁ ମହଲରେ ଗଭୀର ଶୋକର ଛାୟା ଖେଳି ଯାଇଥିଲା। ପରଲୋକ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ବହୁ ଲେଖକ, କବି ଓ ଆତ୍ମୀୟସ୍ୱଜନଙ୍କ ସହ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତ ନୂଆପଲ୍ଲୀସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତ ମିଶ୍ରଙ୍କ ଶେଷଦର୍ଶନ କରିବା ସହ ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପ୍ରଫେସର ମିଶ୍ର ୧୫ ଜାନୁଆରୀ ୧୯୪୨ରେ ଜଗତସିଂହପୁର ଜିଲ୍ଲାର ବାଇଶିମୌଜା ଅନ୍ତର୍ଗତ ଡିହସାଇବିରି ଗ୍ରାମରେ ପିତା କବିରାଜ ଗୌରାଙ୍ଗଚନ୍ଦ୍ର ମିଶ୍ର ଓ ମାତା ଅନ୍ନପୂର୍ଣ୍ଣା ଦେବୀଙ୍କ ଔରସରୁ ଜନ୍ମ ଗ୍ରହଣ କରିଥିଲେ। ରେଭେନ୍‌ସା ମହାବିଦ୍ୟାଳୟରୁ ସଂସ୍କୃତରେ ସ୍ନାତକ ଡିଗ୍ରୀ ଓ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଉପାଧି ଲାଭ କରିବା ପରେ ଅଧ୍ୟାପନା ବୃତ୍ତିରେ ପ୍ରବେଶ କରି ଦୀର୍ଘ ତିରିଶ ବର୍ଷ ଧରି ବିଭିନ୍ନ କଲେଜରେ ଶିକ୍ଷାଦାନ କରିବା ପରେ ବି.ଜେ.ବି ମହାବିଦ୍ୟାଳୟ ଇଂରାଜୀ ବିଭାଗର ପ୍ରାଧ୍ୟାପକ ଭାବେ ସେ ସେନାନିବୃତ୍ତ ହୋଇଥିଲେ। ଦୁଇଟି ପର୍ଯ୍ୟାୟରେ ୧୯୯୪ରୁ ୯୬ ଏବଂ ୨୦୦୩ରୁ ୦୪ ପର୍ଯ୍ୟନ୍ତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଭାବେ ଦାୟିତ୍ୱ ତୁଲାଇବା ସହ ଓଡ଼ିଶା ସରକାରଙ୍କ ସୂଚନା ଲୋକସଂପର୍କ ବିଭାଗ ତରଫରୁ ପ୍ରକାଶିତ ମାସିକ ପତ୍ରିକା 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସଂପାଦନା କାର୍ଯ୍ୟ ମଧ୍ୟ ନିର୍ବାହ କରିଥିଲେ। ଓଡ଼ିଆ, ସଂସ୍କୃତ ଓ ଇଂରାଜୀ ଭାଷାରେ ଆଗାଧ ପାଣ୍ଡିତ୍ୟ ଥିବା ପ୍ରଫେସର ମିଶ୍ର ଅନେକ ମୌଳିକ, ଅନୂଦିତ ଓ ଗବେଷଣାଲବ୍ଧ ପୁସ୍ତକର ମଧ୍ୟ ସ୍ରଷ୍ଟା। ଭାରତୀୟ ଧର୍ମ ପରମ୍ପରାର ଜଣେ ପ୍ରଚଣ୍ଡ ବାଗ୍ମୀ ଭାବେ ମଧ୍ୟ ତାଙ୍କର ସୁଖ୍ୟାତି ରହିଛି। ଓଡ଼ିଆ, ଇଂରାଜୀ ଓ ସଂସ୍କୃତ ଭାଷାରେ ବୈଦିକ ସାହିତ୍ୟଠାରୁ ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ ଅନର୍ଗଳ ବକ୍ତୃତା ପ୍ରଦାନ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଦେବାର ତାଙ୍କର ଅପୂର୍ବଦକ୍ଷତା ଥିଲା। ଜଣେ ସଂଗଠକ ଭାବରେ ପ୍ରଫେସର ମିଶ୍ର ଇମ୍ପା ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ 'ଶାରଳା ପୁରସ୍କାର କମିଟି' ତଥା 'ଓଡ଼ିଶା ସଂସ୍କୃତି ପରିଷଦ'ର ସଂପାଦକ ଭାବେ ସଫଳତାର ସହ ଦୀର୍ଘ ବର୍ଷଧରି କାର୍ଯ୍ୟ କରିଥିଲେ। ପ୍ରଫେସର ରାଜକିଶୋର ମିଶ୍ରଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶୋକସଭା ଆୟୋଜନ କରାଯାଇ ତାଙ୍କ ଅମରଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ବିୟୋଗ ଓଡ଼ିଆ ସାହିତ୍ୟ ଜଗତ ତଥା ଆମ ସଂସ୍କୃତି ପାଇଁ ଅପୂରଣୀୟ କ୍ଷତି ବୋଲି ସଚିବ ପ୍ରବୋଧ କୁମାର ରାଉତ ପ୍ରକାଶ କରିଥିଲେ।

# ଯାଜପୁର ଜିଲ୍ଲା ସାରସ୍ୱତ ସମାରୋହ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଯାଜପୁର ଜିଲ୍ଲାସ୍ଥ ବିରଜା ମହିଳା ମହାବିଦ୍ୟାଳୟରେ ତା୨୬.୧୨.୨୦୨୧ରିଖ ପୂର୍ବାହ୍ଣ ୧୧.୦୦ ଘଟିକାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସାରସ୍ୱତ ସମାରୋହକୁ ଅତିବଡ଼ୀ ପୁରସ୍କାରପ୍ରାପ୍ତ ତଥା ବିଶିଷ୍ଟ କଥାକାର ଅଚ୍ୟୁତାନନ୍ଦ ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ସଂପର୍କରେ ମୁଖ୍ୟବକ୍ତା ଏକାଡେମୀ କାର୍ଯ୍ୟକାରୀ ପରିଷଦ ସଦସ୍ୟ ବିଶିଷ୍ଟ ସାହିତ୍ୟିକ ନୃସିଂହ ଷଡଙ୍ଗୀ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏକାଡେମୀର ଉପସଭାପତି ବିଶିଷ୍ଟ ଅନୁବାଦକ ଓ କବି ସଂଗ୍ରାମ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାବେଶରେ ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟକୁମାର ମଲ୍ଲିକ, ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ ଓ ସାହିତ୍ୟିକ ସୂର୍ଯ୍ୟମଣି ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ସମୃଦ୍ଧି ଓ ବିକାଶ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଏକାଡେମୀ ସଦସ୍ୟା ଶ୍ରୀମତୀ ରୀତାରାଣୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୂର୍ବତନ ସଦସ୍ୟା ସଂଯୁକ୍ତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ କବି ପ୍ରଭାକର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ଓଡ଼ିଆ ଭାଷା ସାହିତ୍ୟ ସୁରକ୍ଷା ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ରରେ କବି ଶ୍ରୀହରି ଧଳ, ସାହିତ୍ୟିକ ରୁଦ୍ରନାରାୟଣ ପୃଷ୍ଟି, ସାହିତ୍ୟ ସମାଲୋଚକ ଘନ ପରିଡ଼ା, ସାହିତ୍ୟସଙ୍ଗଠକ ରମାକାନ୍ତ ଜେନା, କବି ସୁବ୍ରତ ଦାସ, ଡ. ଅଖିଳରଂଜନ ପାଢ଼ୀ ଓ ବିକ୍ରମକୁମାର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗାଳ୍ପିକା ପ୍ରଜ୍ଞାପ୍ରବର୍ତ୍ତିକା ଦାଶ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ତୃତୀୟ ଅଧିବେଶନରେ କବିତା ପାଠୋତ୍ସବ କବି ତୁହିନାଂଶୁ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କବି ସୁବ୍ରତ ଜେନା, ଶ୍ୱେତା ରାଉତ ଓ ସୁଶ୍ରୀ ସଂଘମିତ୍ରା ଭୂତିଆଙ୍କ ମିଳିତ ସଂଯୋଜନାରେ କବିୟତ୍ରୀ ବିଦ୍ୟୁତ୍‌ଲତା ଦାସ, ଜୟନ୍ତୀ ଜେନା, ରାମଚନ୍ଦ୍ର ଦାଶ, ପ୍ରଭାତ ମଲ୍ଲିକ, ଶଶିଭୂଷଣ ସାମଲ, ଲକ୍ଷ୍ମୀପ୍ରିୟା ରାଉତରାୟ, ଗୋପାଳ ସାମଲ, ଶଶିଭୂଷଣ ନାୟକ, ଯଦୁନାଥ ଜେନା, ସନ୍ଧ୍ୟାରାଣୀ ଘଡାଇ, ମିରିନା ମହାନ୍ତି, ବ୍ରଜେଶ୍ୱରୀ ସିଂ, ମଧୁସୂଦନ ମହାପାତ୍ର, ମଳୟ ପଣ୍ଡା, ଜିତେନ୍ଦ୍ର ବେହେରା, ଚନ୍ଦ୍ରଶେଖର ସାହୁ, ଶିଶିର ପଣ୍ଡା, ହରେରାମ ପଣ୍ଡା, ଦୟାନିଧି ନାୟକ ଓ ସରସ୍ୱତୀ ପଣ୍ଡା ପ୍ରମୁଖ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

# ବାଗ୍ମୀ ବିଶ୍ୱନାଥ କର ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବାଗ୍ମୀ ବିଶ୍ୱନାଥ କର ସ୍ମୃତିସଂସଦଙ୍କ ମିଳିତ ଆନୁକୂଲ୍ୟରେ ବାଗ୍ମୀ ବିଶ୍ୱନାଥ କର ୧୫୭ତମ ଜୟନ୍ତୀ ଉତ୍ସବ କଟକସ୍ଥ ଶ୍ରୀରାମଚନ୍ଦ୍ର ଭବନରେ ତା୨୪.୧୨.୨୦୨୧ରିଖ ସନ୍ଧ୍ୟା ୬.୦୦ ଘଟିକାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାହିତ୍ୟ ସମାଲୋଚକ ପ୍ରଫେସର ଆଦିକନ୍ଦ ସାହୁ, ମୁଖ୍ୟବକ୍ତା ଭାବେ ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡା, ସମ୍ମାନନୀୟ ବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ମନୋଜ ପଟ୍ଟନାୟକ ଯୋଗ ଦେଇଥିଲେ। ବାଗ୍ମୀ ବିଶ୍ୱନାଥ କର ସ୍ମୃତି ସଂସଦର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସ୍ମୃତି ସଂସଦ ପକ୍ଷରୁ ପ୍ରଫେସର ଆଦିକନ୍ଦ ସାହୁଙ୍କୁ ଚଳିତବର୍ଷର ବାଗ୍ମୀ ବିଶ୍ୱନାଥ କର ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍ସବରେ ମନୋରଞ୍ଜନ ବେହୁରାଙ୍କ ଗଳ୍ପ ସଂକଳନ 'ଭୋକ' ଉନ୍ମୋଚିତ ହୋଇଥିଲା। ଅଧ୍ୟାପକ ଗଣେଶ୍ୱର ସ୍ୱାଇଁ ବିଶ୍ୱନାଥ କରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଧ୍ୟାପକ କମଳ ମାହୁନ୍ତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆଇନଜୀବୀ ଦୀପକ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରି ଥିବାବେଳେ ସ୍ମୃତିସଂସଦର ଉପସଭାପତି ଶିବାଶିଷ କର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିନାଟ୍ୟକାର ଜଗନମୋହନଲାଲଙ୍କ ସ୍ମୃତିଉତ୍ସବ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଦିନାଟ୍ୟକାର ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ କଟକସ୍ଥ ଶ୍ରୀରାମଚନ୍ଦ୍ର ଭବନରେ ତା୨୭.୧୨.୨୦୨୧ରିଖ ସନ୍ଧ୍ୟା ୬.୦୦ ଘଟିକାରେ ଆଦିନାଟ୍ୟକାର ଜଗନମୋହନ ଲାଲଙ୍କ ୧୦୮ତମ ସ୍ମୃତିଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବକୁ ମୁଖ୍ୟଅତିଥି ଭାବେ ଏକାଡେମୀର ଉପସଭାପତି କବି ସଂଗ୍ରାମ ଜେନା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବରେ ବିଶିଷ୍ଟ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇ ଓଡ଼ିଆ ନାଟକଙ୍କୁ ଜାତୀୟମାନ୍ୟତା ପ୍ରଦାନରେ ଜଗନ୍ମୋହନଙ୍କ ଭୂମିକା ଅବିସ୍ମରଣୀୟ ଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବୈଜୟନ୍ତୀ ମିଶ୍ର ଓ ବିଶିଷ୍ଟ ଅତିଥି ଭାବେ ଏକାଡେମୀ ସଦସ୍ୟ ମନୋଜ ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଗାମୀ ଶତାବ୍ଦୀ ପତ୍ରିକାର ପରିଚାଳନା ସଂପାଦକ ସେକ୍ ମସୁଦ୍ ଅଲି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ପ୍ରମୋଦରଞ୍ଜନ ମହାନ୍ତିଙ୍କୁ ସ୍ମୃତି ସଂସଦ ପକ୍ଷରୁ 'ଆଦିନାଟ୍ୟକାର ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଅଧ୍ୟାପକ କମଳ ମାହାନ୍ତ ପ୍ରାରମ୍ଭିକ ସୂଚନା, ସ୍ମୃତି ସଂସଦର ସଂପାଦକ ସୁକାନ୍ତପ୍ରସାଦ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲାବେଳେ ଉତ୍କଳ ସାହିତ୍ୟ ସମାଜର କୋଷାଧ୍ୟକ୍ଷ ତଥା ପ୍ରକାଶକ ଶିବାଶିଷ କର ଧନ୍ୟବାଦ ଅର୍ପଣ କରିଥିଲେ।

# ଜ୍ୟୋତିର୍ବିଦ୍ ସାମନ୍ତଚନ୍ଦ୍ରଶେଖର ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଠାଣି ସାମନ୍ତ ସ୍ମୃତି ପରିଷଦ, ଖଣ୍ଡପଡ଼ାର ମିଳିତ ଆନୁକୂଲ୍ୟରେ ବିଶ୍ୱବରେଣ୍ୟ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କର ତିଥି ଅନୁଯାୟୀ ୧୮୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡ଼ା ସହରାଞ୍ଚଳରେ ୧ନଂ ୱାର୍ଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ତା୨୭.୧୨.୨୦୨୧ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ପାଳିତ ହୋଇଯାଇଛି। ପରିଷଦର ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଗିରିଜାଶଙ୍କର ତରାସିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଇଟାମାଟି ବଂଶୀଧର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକକୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭାରତୀ ମିଶ୍ର ମୁଖ୍ୟବକ୍ତା, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିନିଧି ଗଙ୍ଗାଧର ସାହୁ, ସମାଜସେବୀ ଅଖିଳକୁମାର ମହାରଣା, ପୂର୍ବତନ ନଗରପାଳ କିଶୋରଚନ୍ଦ୍ର ଦାଶ, ଶିଶୁ କବି ତଥା ଅବସରପ୍ରାପ୍ତ ପୋଷ୍ଟମାଷ୍ଟର କାଶୀନାଥ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଜଗଦୀଶପ୍ରସାଦ ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଏଥିରେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିଗଣ ଯୋଗଜନ୍ମା ପଠାଣି ସାମନ୍ତଙ୍କର ଅକ୍ଷୟକୀର୍ତ୍ତି ଓ ଜୀବନୀ ସଂପର୍କରେ ବକ୍ତବ୍ୟ ରଖି ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବା ନିମନ୍ତେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ। ପ୍ରାୟ ଦେଢ଼ଶହ ବର୍ଷ ତଳେ ସାମନ୍ତଙ୍କ ରଚିତ 'ସିଦ୍ଧାନ୍ତ ଦର୍ପଣ' ପୃଥିବୀର ଅନେକ ଭାଷାରେ ଅନୂଦିତ ହୋଇ ତାଙ୍କୁ ଜଣେ ବିଶ୍ୱବନ୍ଦିତ ଜ୍ୟୋର୍ତିବିଦ୍ ଭାବେ ଆନ୍ତର୍ଜାତିକ ସ୍ୱୀକୃତି ମିଳିଥିବାରୁ ଓଡ଼ିଶା ଗର୍ବିତ ବୋଲି ମଞ୍ଚାସୀନ ଅତିଥିମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଦୀପ୍ତକୁମାର ମିଶ୍ର, ଯୁବ ପ୍ରତିଭା ପ୍ରଜ୍ଞତାତ୍ମା ରଥଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦିଆଯାଇ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସାହିତ୍ୟ, ସମାଜ ଓ ଶିକ୍ଷାର ତ୍ରିଧାରା: ପଣ୍ଡିତ ଗୋଦାବରୀଶ

ପୂଣ୍ୟଶ୍ଳୋକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୫ତମ ଜନ୍ମବାର୍ଷିକ ଉତ୍ସବ କବିଙ୍କ ଜନ୍ମ ମାଟି ବାଣପୁରଠାରେ ଶିକ୍ଷାବିତ୍ ବାଳମୁକୁନ୍ଦ ଦାସଙ୍କ ପୌରୋହିତ୍ୟରେ ତା୨୬.୧୦.୨୦୨୧ରିଖ ଅପରାହ୍ଣ ୩.୦୦ ଘଟିକାରେ ପାଳିତ ହୋଇଯାଇଛି। ପଣ୍ଡିତ ଗୋଦାବରୀଶ ମିଶ୍ର ବାଣପୁର ଅଞ୍ଚଳର ଗର୍ବ ଓ ଗୌରବ ଥିଲେ। ୧୮୮୬ ଅକ୍ଟୋବର ୨୬ ତାରିଖରେ ବାଣପୁର ମା'ଭଗବତୀ ମନ୍ଦିର ନିକଟସ୍ଥ ଶ୍ରୀନିବାସପୁର ଶାସନର ଏକ ଗରିବ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ




ସମାଜସେବାରେ ଅନୁପ୍ରାଣିତ ହୋଇ ପଣ୍ଡିତଜୀ ମାନବ ସେବାପାଇଁ ନିଜକୁ ସଂପୂର୍ଣ୍ଣ ରୂପେ ନିୟୋଜିତ କରିଥିଲେ। ଇଂରେଜ ସରକାର ହାତରୁ ଦେଶକୁ ସ୍ୱାଧୀନ କରିବା ପାଇଁ ଗୋଦାବରୀଶ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ବାଣପୁର ଅଞ୍ଚଳର ଦୁଃଖକୁ ଦୂର କରିବା ପାଇଁ ତତ୍କାଳୀନ ସରକାରଙ୍କ ସମୟରେ ସେ ବହୁ ଜନହିତକର କାର୍ଯ୍ୟ କରିଥିଲେ। ରାଜ୍ୟରେ ଶିକ୍ଷାର ବିକାଶ ଓ ବିଚ୍ଛିନ୍ନାଞ୍ଚଳକୁ ଏକତ୍ରୀକରଣ କରି ଓଡ଼ିଶାରେ ମିଶାଇବା ପାଇଁ ଗୋଦାବରୀଶଙ୍କର ଅବଦାନ ଥିଲା ଅତୁଳନୀୟ ବୋଲି ମଞ୍ଚାସୀନ ବକ୍ତାମାନେ ସେମାନଙ୍କ ଭାଷଣ ପ୍ରସଙ୍ଗରେ ଉଲ୍ଲେଖ କରିଥିଲେ।

ଉକ୍ତ ଦିନ ସକାଳେ ଗୋଦାବରୀଶ ଶିଶୁ ଉଦ୍ୟାନଠାରେ ପୂଣ୍ୟଶ୍ଳୋକ ପଣ୍ଡିତ ଗୋଦାବରୀଶଙ୍କ ପ୍ରତିମୂର୍ତ୍ତିଠାରେ ୧୩୫ତମ ଜନ୍ମ ଦିନ ଅବସରରେ ବରିଷ୍ଠ ଆଇନଜୀବୀ ଗୌରୀଶଙ୍କର ଷଡ଼ଙ୍ଗୀ, ପୂର୍ବତନ ଉପାଧ୍ୟକ୍ଷ ଦାଶରଥି ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଗୋପୀନାଥ ମହାରଣା, ବରିଷ୍ଠ ସାମ୍ବାଦିକ ନୃସିଂହପ୍ରସାଦ ମିଶ୍ର, ଅନନ୍ତ ଚରଣ ବାରିକ, ପୁରୁଷୋତ୍ତମ ମହାପାତ୍ର, ଶିକ୍ଷାବିତ ରାଜେନ୍ଦ୍ର ପ୍ରସାଦ ରଥ, ଶିଶିର ଦାସ, ବ୍ରଜସୁନ୍ଦର ମିଶ୍ର ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ମିଶ୍ରଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ।

# ଭାରତର ସ୍ୱାଧୀନତା ସଂଗ୍ରାମକୁ ଜାତୀୟକବିଙ୍କ ଅବଦାନ ଅତୁଳନୀୟ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜାତୀୟକବି ବୀରକିଶୋର ସ୍ମୃତି ସମିତି ମିଳିତ ଆନୁକୂଲ୍ୟରେ ଜାତୀୟକବି ବୀରକିଶୋରଙ୍କ ଜୟନ୍ତୀ ଜାତୀୟ କବିଙ୍କ ଜନ୍ମପୀଠ ଜଗତସିଂହପୁର ଜିଲ୍ଲା ପୁନଙ୍ଗ ଗ୍ରାମର କବି ଉଦ୍ୟାନରେ ତା୨୩.୧୧.୨୧ରିଖ ଅପରାହ୍ଣ ୩.୦୦ ଘଟିକାରେ ପାଳିତ ହୋଇଯାଇଛି। ଉତ୍ସବକୁ ଜାତୀୟକବି ବୀରକିଶୋର ସ୍ମୃତି ସଂସଦ ଅଧ୍ୟକ୍ଷ ବିଶିଷ୍ଟ ସାହିତ୍ୟିକ ପ୍ରଭାକର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଭୟକୁମାର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଲେଖକ ଅଜୟକୁମାର ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଡ. ସ୍ୱାଇଁ, ସ୍ୱାଧୀନତା ସଂଗ୍ରାମକୁ ଜାତୀୟକବି ବୀରକିଶୋରଙ୍କ ଅବଦାନ ସଂପର୍କରେ ଉଲ୍ଲେଖ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ବୀରକିଶୋର ଦେଶ ପାଇଁ ସାତବର୍ଷ କାରାବରଣ କରିଥିଲେ ବୋଲି ସେ ତାଙ୍କ ଭାଷଣ ପ୍ରସଙ୍ଗରେ କହିଥିଲେ। ମୁଖ୍ୟବକ୍ତା ଡ. ମିଶ୍ର ଜାତୀୟ କବି ବୀରକିଶୋରଙ୍କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅନ୍ୟତମ




କର୍ଣ୍ଣଧାର ରୂପେ ବର୍ଣ୍ଣନା କରିଥିଲେ। କବିଙ୍କ ମୋହନବଂଶୀ, ରଣଦୁନ୍ଦୁଭି, ରଣଭେରୀ, ଅରି ଫେରିନାହିଁ ଯୁଦ୍ଧ ସରିନାହିଁ, ବିଦ୍ରୋହୀ ବୀଣା ଆଦି ତାଙ୍କ ଜାତିପ୍ରାଣ ଓ କାବ୍ୟିକ ପ୍ରତିଭାର ଜ୍ୱଳନ୍ତ ନିଦର୍ଶନ ବୋଲି ସେ କହିଥିଲେ। ଶିକ୍ଷାବିତ୍ ଶରତଚନ୍ଦ୍ର ପାତ୍ର, କବିଙ୍କ ଦାୟାଦ ପ୍ରଭାକର ଦାସ, ସାହିତ୍ୟିକ ଉମାକାନ୍ତ ନାୟକ ପ୍ରମୁଖ ବୀରକିଶୋରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉତ୍ସବରେ ଜାତୀୟକବିଙ୍କ ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୈଳାସଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ।

ମୁଖ୍ୟ ସମ୍ପାଦକ
ହୃଷୀକେଶ ମଲ୍ଲିକ

ସମ୍ପାଦକ
ସଂଗ୍ରାମ ଜେନା

ସମ୍ପାଦନା ମଣ୍ଡଳୀ
ନୃସିଂହ ଷଡ଼ଙ୍ଗୀ ପ୍ରସନ୍ନ କୁମାର ସ୍ୱାଇଁ
ଶୁଭଶ୍ରୀ ଲେଙ୍କା ଚନ୍ଦ୍ରଶେଖର ହୋତା

ପରିଚାଳନା ସମ୍ପାଦକ
ପ୍ରବୋଧ କୁମାର ରାଉତ

ୱେବସାଇଟ୍:www.odishasahityaakademi.org, ଇ-ମେଲ:odishasahityaakademi@gmail.com
ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କଟକସ୍ଥିତ 'ମେସର୍ସ କର ପ୍ରିଣ୍ଟ' ଦ୍ୱାରା ମୁଦ୍ରିତ।